# ଆଉ ଏକ ମିତ୍ର ଗଲା

ପଡ଼ୋଶୀ ରାଷ୍ଟ୍ର ବିରୋଧୀ ନୀତି ଯୋଗୁ ଭାରତ ଗୋଟିଏ ଗୋଟିଏ ପଡ଼ୋଶୀକୁ ହାତଛଡ଼ା କରୁଥିବା ଦେଖିବାକୁ ମିଳୁଛି। ପାକିସ୍ତାନ ଓ ଚାଇନା ଏମିତିରେ ଭାରତ ବିରୋଧୀ ଥିବାବେଳେ ନେପାଳ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ପର୍ଯ୍ୟାୟକ୍ରମେ ଦୂରେଇ ଯାଇଛନ୍ତି। ମ୍ୟାନ୍‌ମାର ଭଳି ଦେଶ ଭାରତ ବିରୋଧୀ ହୋଇଥିବା ସମସ୍ତେ ଜାଣନ୍ତି। ମ୍ୟାନ୍‌ମାରର ମିଲିଟାରୀକୁ ଭାରତ ଯେଉଁଭଳି ସମର୍ଥନ କରିଥିଲା ତା'ର କୁଫଳ ଆଗକୁ ଭୋଗିବାକୁ ପଡ଼ିବ। ସେଠାରେ ସାଧାରଣ ନାଗରିକର ପ୍ରବଳ ବିରୋଧ ଏବଂ ଗୃହଯୁଦ୍ଧ ଭଳି ସ୍ଥିତି ଲାଗିରହିଛି। ସେଥିପାଇଁ ସାଧାରଣ ନାଗରିକ ମିଲିଟାରୀ ବିରୋଧରେ ହତିଆର ଉଠାଇଛନ୍ତି। ଏହାର ପରିଣାମ ଆଗକୁ କେଉଁଭଳି ରୂପ ଧାରଣ କରିବ ତାହା ଅନୁମାନ କରିବା କଷ୍ଟକର ନୁହେଁ। ମିଲିଟାରୀରେ ଥିବା ଲୋକଙ୍କ ପରିବାର ମଧ୍ୟ ଅଛନ୍ତି। ଯେତେବେଳେ ନାଗରିକ ସମୂହ ଭାବେ ବିରୋଧ କରିବେ, ସେତେବେଳେ ସବୁଠାରୁ ଶକ୍ତିଶାଳୀ ବନ୍ଧୁକ ମଧ୍ୟ ନୀରବ ପଡ଼ିଯିବ। ଏଭଳି ପରିସ୍ଥିତି ଏବେ ନ ହେଲେ ମଧ୍ୟ କାଲି ଅତି ଶୀଘ୍ର ଆସିବ। ଯଦି ତାହା ଘଟିବ ସେତେବେଳେ ଭାରତ ଏକ ବିରୋଧୀ ରାଷ୍ଟ୍ର ଭାବେ ତାଙ୍କ ଜନସାଧାରଣଙ୍କ ଦ୍ୱାରା ଦୀର୍ଘକାଳ ପରିଲକ୍ଷିତ ହେବ।

ଏବେ ଆଉ ଏକ ମିତ୍ର ମାଳଦ୍ୱୀପ ଗଲା। ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ମାର୍ଚ୍ଚ ୧୫ ସୁଦ୍ଧା ତାଙ୍କ ଦେଶରୁ ଭାରତୀୟ ସୈନ୍ୟଙ୍କୁ ଫେରାଇ ନେବା ପାଇଁ ନୂଆଦିଲ୍ଲୀକୁ କହିଛନ୍ତି। ସେଠାକାର ଲୋକଙ୍କ ଜୀବନଜୀବିକା ପାଇଁ ମୁଖ୍ୟ ବ୍ୟବସାୟ ଭାବେ ପର୍ଯ୍ୟଟନ ଥିବାବେଳେ ଭାରତ ସେହି ଦାନାପାଣିରେ ମାଡ଼ କରିବାକୁ ଚେଷ୍ଟା କରିଥିବା କଥା ସେଠାକାର ନାଗରିକମାନେ ମନେ ରଖିବେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଲାକ୍ଷାଦ୍ୱୀପ ଗସ୍ତରେ ଯାଇ ସୋସିଆଲ ମିଡିଆରେ ନିଜ ଫଟୋ ଓ ଭିଡିଓକୁ ଶେୟାର କରିଥିଲେ। ଏପରି କି ଲାକ୍ଷାଦ୍ୱୀପର ସୌନ୍ଦର୍ଯ୍ୟକୁ ପ୍ରଶଂସା କରିଥିଲେ, ଯାହାକି ଅତ୍ୟନ୍ତ ସ୍ୱାଭାବିକ। ହେଲେ ସେ ସେଥିରେ ମାଳଦ୍ୱୀପ ସହିତ ଲାକ୍ଷାଦ୍ୱୀପର ତୁଳନା କରି ନ ଥିଲେ। କିନ୍ତୁ ପରେ ଅନେକ ଭାଜପା ସମର୍ଥକ ସେଥିରୁ ଖିଅ ଟାଣି ମାଳଦ୍ୱୀପ ସହିତ ଲାକ୍ଷାଦ୍ୱୀପର ତୁଳନା କରି ମାଳଦ୍ୱୀପକୁ ଭର୍ତ୍ସନା କରିଥିଲେ। ନିକଟରେ ମାଳଦ୍ୱୀପରେ ହୋଇଥିବା ନିର୍ବାଚନରେ ଭାରତ ବିରୋଧୀ ପ୍ରାର୍ଥୀ ଭାବେ ମୋହମ୍ମଦ ମୁଇଜ୍ଜୁ ରାଷ୍ଟ୍ରପତି ନିର୍ବାଚନ ଜିଣିଥିଲେ। ସେଥିପାଇଁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଅତ୍ୟନ୍ତ ସଜାଗ ରହି ପ୍ରଧାନମନ୍ତ୍ରୀଙ୍କୁ ଏଭଳି କୌଣସି ମନ୍ତବ୍ୟ ନ ଦେବା ସକାଶେ ପରାମର୍ଶ ଦେବା ଉଚିତ ଥିଲା, ଯେଉଁଥିରେ ମାଳଦ୍ୱୀପ ପରୋକ୍ଷରେ କ୍ଷତିଗ୍ରସ୍ତ ହୋଇ ନ ଥାଆନ୍ତା। ଏହି ନୂତନ ଶତ୍ରୁତା ମାଳଦ୍ୱୀପଠାରୁ ଭାରତ ପାଇଁ ଅଧିକ କ୍ଷତିଗ୍ରସ୍ତ ହେବ।

**ଏବେ ଆଉ ଏକ ମିତ୍ର ମାଳଦ୍ୱୀପ ଗଲା। ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁ ମାର୍ଚ୍ଚ ୧୫ ସୁଦ୍ଧା ତାଙ୍କ ଦେଶରୁ ଭାରତୀୟ ସୈନ୍ୟଙ୍କୁ ଫେରାଇ ନେବା ପାଇଁ ନୂଆଦିଲ୍ଲୀକୁ କହିଛନ୍ତି। ସେଠାକାର ଲୋକଙ୍କ ଜୀବନଜୀବିକା ପାଇଁ ମୁଖ୍ୟ ବ୍ୟବସାୟ ଭାବେ ପର୍ଯ୍ୟଟନ ଥିବାବେଳେ ଭାରତ ସେହି ଦାନାପାଣିରେ ମାଡ଼ କରିବାକୁ ଚେଷ୍ଟା କରିଥିବା କଥା ସେଠାକାର ନାଗରିକମାନେ ମନେ ରଖିବେ।**

# ରାହୁଲଙ୍କ ନ୍ୟାୟ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଥମ ଭାରତ ଯୋଡ଼ୋ ଯାତ୍ରା ୭ ସେପ୍ଟେମ୍ବର ୨୦୨୨ରୁ କନ୍ୟାକୁମାରୀଠାରୁ ଆରମ୍ଭ କରି ୩୦ ଜାନୁଆରୀ ୨୦୨୩ରେ ଜମ୍ମୁ ଓ କଶ୍ମୀରରେ ଶେଷ କରିଥିଲେ। ଯାତ୍ରା ଶେଷ ହେବା ପରେ ଦାଢ଼ି କାଟି, ଶୁଟ୍‌ବୁଟ୍ ପିନ୍ଧି ବିଦେଶ ଚାଲିଗଲେ। ସେଠାରେ ଶାମ୍ ପିତ୍ରୋଡାଙ୍କ ମସୁଧାରେ ଭାରତ ସରକାରଙ୍କ ବିରୋଧରେ ବିଦେଶ ମାଟିରୁ ଆହ୍ୱାନ ଦେଲେ ଯେ, ଏହି ଦେଶର ଗଣତନ୍ତ୍ର ଦୁର୍ବଳ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହିଭଳି ଭାବେ ବିମୁଦ୍ରୀକରଣ ପରେ ଜାପାନ ଯାଇ ସେଠାରୁ ଭାରତୀୟଙ୍କୁ ନିନ୍ଦିଥିଲେ ଯେ, କଳାଧନ ଅର୍ଜନ କରୁଥିବାରୁ ଏହିଭଳି ପଦକ୍ଷେପ ନେବାକୁ ପଡ଼ିଥିଲା। ବିଦେଶରେ ରହି ନିଜ ଦେଶବାସୀଙ୍କୁ ମୋଦି ଯେମିତି ସମାଲୋଚନା କରିଥିଲେ, ସେହିଭଳି ରାହୁଲ ବିଦେଶ ଯାଇ ଭାରତୀୟ ଗଣତନ୍ତ୍ର ସମ୍ପର୍କରେ ନକାରାତ୍ମକ ମତ ପ୍ରଦାନ କରିଥିବା ହେତୁ ତାଙ୍କୁ ଏଠାରୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହାଫଳରେ ପ୍ରଥମ ସଫଳ ଯାତ୍ରାର ସଦିଚ୍ଛାକୁ ବଜାୟ ରଖିବାରେ ରାହୁଲ ଅସଫଳ ହୋଇଥିଲେ। ସେତେବେଳେ ବୁଝାଯାଇଥିଲା ଯେ ତାଙ୍କୁ ଘେରିରହିଥିବା କିଛି ଲୋକ ଅତି ସହଜରେ ରାହୁଲଙ୍କୁ ବାଟବଣା କରିଦେଇଛନ୍ତି। କାରଣ ରାହୁଲ ଗାନ୍ଧୀ ସ୍ୱୟଂ ନିଜର ଭଲମନ୍ଦ ବୁଝିବା ପାଇଁ ହୁଏତ ଅସମର୍ଥ କିମ୍ବା ତାଙ୍କର ରାଜନୈତିକ ପରିପକ୍ୱତା ଆସିନାହିଁ।

ରାହୁଲ ୧୪ ଜାନୁଆରୀ ୨୦୨୪ରୁ ପୁନର୍ବାର 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ନାମରେ ଅଭିଯାନ ଆରମ୍ଭ କରିଛନ୍ତି। ଅଶାନ୍ତ ମଣିପୁରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ମାର୍ଚ୍ଚ ୨୦ରେ ମୁମ୍ବାଇରେ ଶେଷ ହେବ। ତେବେ ସେହି ଯାତ୍ରାରୁ ଦୃଷ୍ଟି ହଟାଇବା ପାଇଁ ଜଣେ ଦୁଇଜଣ କୁଜି ଯୁବନେତା କଂଗ୍ରେସ ଛାଡ଼ି ଭାଜପା ସହଯୋଗୀ ଦଳ ସହ ୧୪ ଜାନୁଆରୀରେ ମିଶିଛନ୍ତି। ଗଣମାଧ୍ୟମରେ ଏହି ଖବର ବିରାଟ ରୂପ ଧାରଣ କରିପାରେ। କିନ୍ତୁ ବାସ୍ତବରେ ସେହି ଆୟାରାମ ଗୟାରାମମାନଙ୍କର ରାଜନୈତିକ ଗୁରୁତ୍ୱ ନାହିଁ। ତଥାପି ରାହୁଲ ଏହି ଦ୍ୱିତୀୟ ଯାତ୍ରା ପରେ ଯଦି ବାସ୍ତବରେ ଦେଶରେ ରାଜନୈତିକ ପ୍ରସଙ୍ଗଗୁଡ଼ିକୁ ଉତ୍ଥାପନ କରିଚାଲନ୍ତି ଏବଂ ତତ୍‌କ୍ଷଣାତ୍ ବିଦେଶ ପଳାଇଯିବାର ଲକ୍ଷଣ ଦେଖାଇବେ ନାହିଁ, ତେବେ ୨୦୨୪ ନିର୍ବାଚନରେ ଏହି ନ୍ୟାୟ ଯାତ୍ରାର ପ୍ରଭାବ ପଡ଼ିବା ଅବଶ୍ୟମ୍ଭାବୀ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 1 | 5 | | | | 7 | |
| | | 7 | | 8 | | 2 | | |
| | | | 1 | 4 | | | 8 | |
| | | | | | | | | |
| | 2 | | 8 | | | 1 | 6 | |
| | | | | 2 | 5 | | | |
| | | 5 | | 7 | | 3 | | 8 |
| | 7 | 4 | 2 | | 6 | 9 | 1 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 6 | 3 | 4 | 2 | 8 | 5 | 9 |
| 5 | 8 | 2 | 9 | 1 | 6 | 3 | 7 | 4 |
| 4 | 3 | 9 | 5 | 7 | 8 | 1 | 6 | 2 |
| 9 | 2 | 1 | 6 | 8 | 7 | 5 | 4 | 3 |
| 3 | 4 | 8 | 1 | 2 | 5 | 6 | 9 | 7 |
| 6 | 5 | 7 | 4 | 9 | 3 | 2 | 1 | 8 |
| 7 | 9 | 3 | 8 | 5 | 1 | 4 | 2 | 6 |
| 2 | 6 | 5 | 7 | 3 | 4 | 9 | 8 | 1 |
| 8 | 1 | 4 | 2 | 6 | 9 | 7 | 3 | 5 |

ଗତକାଲିର ଉତ୍ତର

# ଧର୍ମକୁ ନେଇ ରାଜନୀତି



ସୌଭାଗ୍ୟ ସୁନ୍ଦରରାୟ

ସନାତନ ଧର୍ମ ନିଶ୍ଚିହ୍ନ ପାଇଁ ଡିଏମ୍‌କେ ଶାସିତ ରାଜ୍ୟ ତାମିଲନାଡୁର ଶିକ୍ଷାମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କ ମନ୍ତବ୍ୟକୁ ଭାରତୀୟ ଜନତା ପାର୍ଟି (ଭାଜପା) ସଦ୍ୟ ସମାପ୍ତ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ବିଧାନସଭା ନିର୍ବାଚନରେ ନିର୍ବାଚନୀ ପ୍ରସଙ୍ଗ କରିଥିଲା। ଅଣଭାଜପା ଦଳ ସନାତନ ଧର୍ମବିରୋଧୀ ବୋଲି ଦଳ ପକ୍ଷରୁ ନିର୍ବାଚନ ସମୟରେ ପ୍ରଚାର କରାଗଲା। ଏଥିରୁ ଭାଜପା ସୁଫଳ ମଧ୍ୟ ପାଇଲା। ଏହି ସଫଳତା ପରେ ଏବେ ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ନେଇ ଦଳ ଉତ୍ସାହୀ ରହିଛି। ଅଯୋଧ୍ୟାର ଧାର୍ମିକ ବାତାବରଣକୁ ସମଗ୍ର ଦେଶରେ ଖେଳାଇ ଦଳକୁ ଆଗାମୀ ଲୋକ ସଭା ନିର୍ବାଚନରେ ବିଜୟୀ କରିବା ନେଇ ନେତୃବୃନ୍ଦ ଆଶା ରଖିଛନ୍ତି। ଦେଖିବାକୁ ଗଲେ ନୂଆ ମନ୍ଦିରରେ ରାମଲାଲାଙ୍କ ଗୃହ ପ୍ରବେଶ କରାଇବା ନେଇ ଭାଜପା ଯେତେଟା ଆଗ୍ରହୀ, ତା'ଠାରୁ ଅଧିକ ଆଗ୍ରହୀ ଧାର୍ମିକ ପରିବେଶ ଓ ସନାତନ ଧର୍ମକୁ ଆଳ କରି ଭୋଟରଙ୍କ ମାନସିକତାକୁ ଶୋଷଣ କରିବା। ତେବେ ରାମଲାଲାଙ୍କ ଗୃହ ପ୍ରବେଶକୁ ନେଇ ପୁଣି ଥରେ ଉଠିଛି ସନାତନ ଧର୍ମ ପ୍ରସଙ୍ଗ। ଏ ବିଷୟ ଉଠାଇଛନ୍ତି ଶଙ୍କରାଚାର୍ଯ୍ୟ। ଶଙ୍କରାଚାର୍ଯ୍ୟଗଣ କେଉଁ ପରିସ୍ଥିତିରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ବାସନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ତାହା ଏବେ ବିତର୍କର ଆଲେଖ୍ୟ ରଖେ।

ଦେଖିବାକୁ ଗଲେ ସନାତନ ଧର୍ମ ଏବେ ବ୍ୟାପକ ଦର୍ଶନ। ଏହା ଦେବଦେବୀଙ୍କ ମଧ୍ୟରେ ସୀମିତ ନୁହେଁ। ଏହା ମଧ୍ୟରେ ତର୍କ ରହିଛି, ଯୁକ୍ତି ରହିଛି, ଶାସ୍ତ୍ର ଆଦି ଅନେକ ଜ୍ଞାନ ବିଜ୍ଞାନ ରହିଛି। ପ୍ରାଚୀନ ଆର୍ଯ୍ୟାବର୍ତ୍ତରେ ଏହି ଧର୍ମ ପ୍ରଚଳନ ରହିଥିଲା। ଏହା ଏକ ଧର୍ମ ନୁହେଁ ବରଂ କହିବାକୁ ଗଲେ କର୍ମ। ତ୍ରେତୟାର ଅବତାରୀ ବ୍ରହ୍ମ ହେଉଛନ୍ତି ପ୍ରଭୁ ରାମଚନ୍ଦ୍ର। ଅହଲ୍ୟାଙ୍କୁ ଉଦ୍ଧାର କଲେ, ପତ୍ନୀ ବୈଦେହୀଙ୍କୁ ବନବାସ ଦଣ୍ଡ ଦେଲେ । ଆବଶ୍ୟକ ଅନୁଯାୟୀ କର୍ମ କରି ହୋଇପାରିଲେ ମର୍ଯ୍ୟାଦା ପୁରୁଷ। ଶ୍ରୀରାମ କେବଳ ଯେ ଭାରତୀୟଙ୍କ ହୃଦୟରେ ବିରାଜିତ ସେକଥା ନୁହେଁ, ବିଶ୍ୱର ଅନେକ ଶ୍ରଦ୍ଧାଳୁଙ୍କ ମନରେ ସେ ରହିଛନ୍ତି। ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ। ସେ ପ୍ରଭୁ ତ କୌଣସି ରାଜନୈତିକ ଦଳର ହୋଇପାରିବେ ନାହିଁ। କିନ୍ତୁ ଭାଜପା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନିମନ୍ତେ ପ୍ରଭୁଙ୍କୁ ଏକପ୍ରକାର ଅପହରଣ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରିଥିବା ପରି ମନେହୁଏ। ଯେଉଁ ସମୟରେ ଅନ୍ୟ ଧର୍ମର ଚାପରେ ସନାତନ ଧର୍ମ ଚାପି ହୋଇ ନିଜର ଅସ୍ତିତ୍ୱ ହରାଇବାକୁ ଯାଉଥିଲା, ଠିକ୍ ସେହି ସମୟରେ ଦେଶର ଦକ୍ଷିଣ ଭାଗରେ ଆବିର୍ଭାବ ଘଟିଥିଲା ଜଣେ ସନ୍ଥଙ୍କର। ସେ ଆଉ କେହି ନୁହନ୍ତି, ହେଉଛନ୍ତି ଆଦି ଶଙ୍କରାଚାର୍ଯ୍ୟ। କେରଳର କାଲାଡିରେ ଜନ୍ମ ଗ୍ରହଣ କରିଥିଲେ। ସନାତନ ଧର୍ମ ପ୍ରଚାର ଓ ପ୍ରସାର



ନିମନ୍ତେ ପଦବ୍ରଜରେ ସମଗ୍ର ଭାରତବର୍ଷ ଭ୍ରମଣ କରିଥିଲେ। ଭବିଷ୍ୟତ ପାଇଁ ସନାତନ ଧର୍ମ ସୁରକ୍ଷିତ ରଖିବା ନିମନ୍ତେ ଦେଶର ଚାରି ପ୍ରାନ୍ତରେ ସେ ପ୍ରତିଷ୍ଠା କରିଥିଲେ ୪ଟି ଆଶ୍ରମ। ଏହି ଆଶ୍ରମଗୁଡ଼ିକ ଏବେ ଧାମ ବା ଶଙ୍କରାଚାର୍ଯ୍ୟ ପୀଠ ଭାବେ ପରିଗଣିତ। ୪ଟି ଧାମ ଦାୟିତ୍ୱରେ ଚତୁର୍ବେଦ ରହିଛି। ସଂପୃକ୍ତ ପୀଠ ନିଜ ନିଜ ବେଦର ପଠନ, ତର୍ଜମା କରି ଉପଲବ୍ଧ ଜ୍ଞାନ ଜନସାଧାରଣଙ୍କ ମଧ୍ୟରେ ପ୍ରସାର ପ୍ରଚାର କରାଇବା ଦେଉଛି ଏହି ପୀଠର କର୍ତ୍ତବ୍ୟ। ଏହି କ୍ରମରେ ଅଦ୍ୱୈତ ବେଦାନ୍ତ ପ୍ରସାର ଓ ସନାତନ ଧର୍ମର ସୁରକ୍ଷା ପାଇଁ ଆଦି ଶଙ୍କରାଚାର୍ଯ୍ୟ ଯେଉଁ ୪ଟି ମଠ ପ୍ରତିଷ୍ଠା କରିଥିଲେ ସେଥିମଧ୍ୟରୁ ଜ୍ୟୋତିର୍ପୀଠ ଅନ୍ୟତମ। ଏହା ଉତ୍ତରାଖଣ୍ଡର ଯୋଶୀମଠ ଭାବେ ପରିଚିତ। ଏହି ମଠ ଦାୟିତ୍ୱରେ ଅଥର୍ବ ବେଦ ରହିଛି। ପୂର୍ବ ଦିଗରେ ପୁରୀଠାରେ ଗୋବର୍ଦ୍ଧନ ପୀଠ ରହିଛି। ଏହି ମଠ ଦାୟିତ୍ୱରେ ଋଗ୍‌ବେଦ ରହିଛି। ପଶ୍ଚିମରେ ଥିବା ଦ୍ୱାରକା ପୀଠ ଦାୟିତ୍ୱରେ ସାମ୍ ବେଦ ରହିଛି। ଦକ୍ଷିଣରେ କର୍ଣ୍ଣାଟକର ଶୃଙ୍ଗେରୀ ପୀଠ ହେପାଜତରେ ଯଜୁର୍ବେଦ ରହିଛି। ଏ ୪ ପୀଠର ମୁଖ୍ୟମାନେ ଶଙ୍କରାଚାର୍ଯ୍ୟ ଭାବେ ପରିଚିତ। ଏମାନେ ବିଦ୍ୱାନ ଓ ଦାର୍ଶନିକ। ଠାକୁରଙ୍କ କର୍ମକର୍ମାଣୀ ଓ ରୀତିନୀତିରେ ଏମାନଙ୍କ ପରାମର୍ଶ ଆବଶ୍ୟକ ପଡ଼ିଥାଏ। ତେବେ ରାମମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ପାଇଁ ନିମନ୍ତ୍ରଣ ଦିଆଯାଇଥିଲେ ମଧ୍ୟ ଶଙ୍କରାଚାର୍ଯ୍ୟଗଣ ଏହାକୁ ଅଗ୍ରାହ୍ୟ କରିଛନ୍ତି। ସନାତନ ଧର୍ମର ବିରୁଦ୍ଧାଚରଣ କରାଯାଇ ନୂଆ ମନ୍ଦିର ପ୍ରତିଷ୍ଠା କରାଯାଉଥିବା ଅଭିଯୋଗ ଆଣି ସେମାନେ କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଅଯୋଧ୍ୟାରେ ଏକ ଅସଂପୂର୍ଣ୍ଣ ମନ୍ଦିର ନିର୍ମାଣ କରାଯାଇ ପ୍ରତିଷ୍ଠା କରାଯାଉଛି। ଏହା ଆର୍ଯ୍ୟାବର୍ତ୍ତର ସନାତନ ଧର୍ମବିହିତ ନୁହେଁ ବୋଲି ଶଙ୍କରାଚାର୍ଯ୍ୟଗଣ କହିଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ଅଭିଯୋଗ ପରେ ଏବେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଓ ଭାରତୀୟ ଜନତା ପାର୍ଟି କ'ଣ କହିବେ ? ପ୍ରଭୁ ଶ୍ରୀରାମ ତ ଟ୍ରଷ୍ଟର ନୁହନ୍ତି। ଦାନ ଓ ଚାନ୍ଦା ବଳରେ ଅସଂପୂର୍ଣ୍ଣ ମନ୍ଦିର ନିର୍ମାଣ ହୋଇଛି । ଏହା ସନାତନ ଧର୍ମର ପ୍ରତୀକ। ଶଙ୍କରାଚାର୍ଯ୍ୟଙ୍କ ଅଭିଯୋଗ ପରେ କାହା ପରାମର୍ଶକ୍ରମେ ମନ୍ଦିର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଗଲା ସେ ପ୍ରଶ୍ନର ଉତ୍ତର ଏବେ ଟ୍ରଷ୍ଟ ଦେବା ଆବଶ୍ୟକ।

ନୂଆ ଅଯୋଧ୍ୟା ନଗରୀ ଶ୍ରଦ୍ଧାଳୁଙ୍କ ଅର୍ଥରେ ନିର୍ମାଣ ହୋଇଛି। ତାହାଲେ କେନ୍ଦ୍ର ଓ ଉତ୍ତରପ୍ରଦେଶରେ କ୍ଷମତାସୀନ ରାଜନୈତିକ ଦଳ ଏହାର ଶ୍ରେୟ ନେବାକୁ ଚାହୁଁଛନ୍ତି କାହିଁକି। ବାସ୍ତବ କାରଣଟି ହେଲା ଲୋକ ସଭା ନିର୍ବାଚନକୁ ଆଉ ମାତ୍ର ୨ ମାସ ସମୟ ରହିଲା। ଉତ୍ତରପ୍ରଦେଶରେ ସର୍ବାଧିକ ୮୦ ଲୋକ ସଭା ଆସନ ରହିଛି। ଏହି ଆସନଗୁଡ଼ିକରେ ବିଜୟୀ ହେଲେ ଦଳ ଦିଲ୍ଲୀ କ୍ଷମତା ହାସଲ କରିବା ସହଜ ହୋଇପାରିବ। ଓଡ଼ିଶାରେ ଯେପରି ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କ ଶ୍ରଦ୍ଧା ଅପାର, ସେହିପରି ଉତ୍ତର ଭାରତର ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ଶ୍ରୀରାମଙ୍କ ପ୍ରତି ଆଦର ଅନେକ। ଏହି ଆବେଗରୁ ଉତ୍ତର ଭାରତରେ ରାଜନୈତିକ ଫାଇଦା ନେବା ପାଇଁ ଭାଜପା ତରବରିଆ ଭାବେ ମନ୍ଦିର ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଛି। ଏଥିରେ ହାତବାରିସି ହୋଇଛି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ। ମୁରଲୀ ମନୋହର ଯୋଶୀ ଓ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ରାମ ମନ୍ଦିର ଆନ୍ଦୋଳନ ପାଇଁ ୧୯୯୨ରେ ବାବ୍ରୀ ମସ୍‌ଜିଦ୍ ଭାଙ୍ଗିଲା। ଏହାପରେ ଭାଜପା କ୍ଷମତାକୁ ଆସିଲା। ଉଦାରପନ୍ଥୀ ନେତା ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ହେଲେ। ପରବର୍ତ୍ତୀ ସମୟରେ ବାବ୍ରୀ ମସ୍‌ଜିଦ୍ ଭଙ୍ଗା ଅଭିଯୋଗରେ ଆଇନ ଅଦାଲତ ଜାଲରେ ଛନ୍ଦି ହୋଇ ଆଡ୍‌ଭାନୀ ବା ଯୋଶୀଙ୍କ ଦଳରେ କୌଣସି ଅଗ୍ରଗତି ଘଟିଲା ନାହିଁ। ନୂଆ ପିଢ଼ିରେ ସେମାନେ ଅଲୋଡ଼ା ହୋଇଗଲେ। ତଥାକଥିତ ଅଯୋଧ୍ୟା ରାମମନ୍ଦିର ନିର୍ମାଣରେ ଏହି ନେତା ଦ୍ୱୟଙ୍କ ଅବଦାନକୁ ଇତିହାସ ପୃଷ୍ଠାରୁ ଏଡ଼ାଇ ଦେଇ ହେବ ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସେମାନେ ନ ଆସନ୍ତୁ ବୋଲି ଟ୍ରଷ୍ଟ ଉଭୟଙ୍କୁ ପରାମର୍ଶ ଦେଲେ। ତେବେ ପରବର୍ତ୍ତୀ ସମୟରେ ବିଶ୍ୱ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସେମାନଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା। ଉଭୟ ନେତାଙ୍କୁ ଟ୍ରଷ୍ଟ ପକ୍ଷରୁ ପ୍ରଥମେ ନିମନ୍ତ୍ରଣ ଦିଆଯିବାର ଆବଶ୍ୟକତା ଥିଲା। ସେମାନେ ନିଜ ସ୍ୱାସ୍ଥ୍ୟଗତ ସୁବିଧା ଅନୁଯାୟୀ ଉପସ୍ଥିତ ହୋଇଥାନ୍ତେ ବା କାରଣରୁ ହୋଇ ନ ଥାନ୍ତେ। ଉଭୟଙ୍କ ସ୍ୱାସ୍ଥ୍ୟ ବାବଦରେ ଟ୍ରଷ୍ଟ କାହିଁକି ଆଗୁଆ ଏତେଟା ଚିନ୍ତିତ ହୋଇପଡ଼ିଲା ? କଥା ହେଲା ଘଟଣା ସ୍ଥଳରେ ଆଡ୍‌ଭାନୀଙ୍କ ଉପସ୍ଥିତି ଯୋଗୁ ରାମମନ୍ଦିର ପ୍ରସଙ୍ଗକୁ ନେଇ କେନ୍ଦ୍ର ନେତୃତ୍ୱର ପତିଆରା କ୍ଷୁଣ୍ଣ ହେବାର ସମ୍ଭାବନା ଥିବାରୁ ଉଭୟ ନେତାଙ୍କୁ ଦୂରେଇ ରଖିବା ପାଇଁ ଉଦ୍ୟମ କରାଯାଇଛି।

ସନାତନ ଧର୍ମ ଓ ରାଜଧର୍ମ ମଧ୍ୟରେ ପାର୍ଥକ୍ୟ କେତେ ତାହା ବିତର୍କର ବିଷୟ। ଶ୍ରୀରାମ ପ୍ରଧାନତଃ ରାଜଧର୍ମ ପାଳନ କରିଥିଲେ। ନିଜ ପରାକାଷ୍ଠା ବଳରେ ସାଧୁସନ୍ଥଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ। ବରୁଣଙ୍କୁ ଭୟଭୀତ କରାଇ ସେତୁବନ୍ଧ ପ୍ରତିଷ୍ଠା ମାର୍ଗ ସହଜ କରିଥିଲେ। ଏହା ଥିଲା ରାମଙ୍କ ବ୍ୟକ୍ତିତ୍ୱ। ଏବେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଶାସକ ଦଳ କେଉଁ ଧର୍ମ ପାଳନ କରୁଛି ତାହ ସ୍ପଷ୍ଟ ହୋଇପାରୁ ନାହିଁ। ଶଙ୍କରାଚାର୍ଯ୍ୟ କହୁଛନ୍ତି ସନାତନ ଧର୍ମ ପାଳନ ହେଉନାହିଁ। ଏବେ ଯାହା ଦେଖାଯାଉଛି ଭାରତୀୟ ଜନତା ପାର୍ଟି ରାଜଧର୍ମ ପାଳନ ପରିବର୍ତ୍ତେ ସନାତନ ଧର୍ମକୁ ରାଜନୀତି ପାଇଁ ଉପଯୋଗ କରିବା ନିମନ୍ତେ ମନ ସ୍ଥିର କରିସାରିଛି।

ମୋ: ୯୪୩୭୨୨୯୨୩୩

# କନ୍ୟା ସନ୍ତାନ ବିମୁଖତା ଦୂରହେଉ



ବୈକୁଣ୍ଠନାଥ ମିଶ୍ର

ନାରୀ ଓ ପୁରୁଷ ପ୍ରକୃତିର ଅନନ୍ୟ ସୃଷ୍ଟି। ଦୁହେଁ ପରସ୍ପରର ପରିପୂରକ। ଏକ ବିନା ଅନ୍ୟର ସ୍ଥିତି ନିରର୍ଥକ। ସୃଷ୍ଟିର ପ୍ରାରମ୍ଭରୁ ଏ ପୁରୁଷ ପ୍ରଧାନ ସମାଜରେ ନାରୀକୁ ଗୌଣଭାବେ ପ୍ରଦର୍ଶିତ କରାଯାଇ ଆସିଛି। ମନେ କରାଯାଉଥିଲା ଯେ ନାରୀର ମୁଖ୍ୟ ଦାୟିତ୍ୱ ହେଲା ସନ୍ତାନ ସୃଷ୍ଟି ଓ ପୁରୁଷର ଆନୁଗତ୍ୟ ସ୍ୱୀକାର। ରାଷ୍ଟ୍ର ଗଠନରେ, ରାଜନୀତିରେ, ଧର୍ମୀୟ କ୍ରିୟାନୁଷ୍ଠାନରେ ଓ ସାମାଜିକ ଉତ୍ସବାନୁଷ୍ଠାନଗୁଡ଼ିକରେ ନାରୀର ଭୂମିକାକୁ ମିଳୁ ନ ଥିଲା ଯଥୋଚିତ ସ୍ୱୀକୃତି। ଏପରି କି କୌଣସି ମାତାପିତାଙ୍କର ପୁତ୍ର ସନ୍ତାନ ନ ଥିଲେ ତାଙ୍କ ଶବରେ ମୁଖାଗ୍ନି ଦେବା ଓ ଅନ୍ତ୍ୟେଷ୍ଟିକ୍ରିୟା ସମାପନରେ କନ୍ୟାକୁ ବାରଣ କରାଯାଇ ସମ୍ପର୍କୀୟ ପୁତୁରା ବା ଭଣଜା ଦ୍ୱାରା ଏ କାର୍ଯ୍ୟ କରାଯାଇ ଆସୁଛି। କନ୍ୟା ଯଦି ଏଥିରେ ଭାଗ ନେବାକୁ ଚାହୁଁଛି ତାକୁ ସହିବାକୁ ପଡୁଛି ଅନବଦ୍ୟ ଲାଞ୍ଛନା ଓ ତିରସ୍କାର।

ତ୍ୟାଗ ହିଁ ନାରୀର ସର୍ବଶ୍ରେଷ୍ଠ ଭୂଷଣ। ପ୍ରତିକୂଳ ପରିସ୍ଥିତିରେ ସନ୍ତାପିତ ହୃଦୟରେ ସନ୍ତାନକୁ ମଣିଷ ପରି ଗଢିତୋଳିବାର ଅଭୀପ୍ସା ଓ ତଜ୍ଜନିତ ସଫଳତା ତାକୁ ଦିଏ ଶ୍ରେଷ୍ଠ ବିଦ୍ଧାଣିଟିଏର ପରିଚୟ। ସେ ଜିଜାବାଇ ସାଜି ଗଢିପାରନ୍ତି ଏ ଜାତିର ଛତ୍ରପତି। ପୁଣି ସେମାନେ ନିଜକୁ ସଜାଇ ଦିଅନ୍ତି ଲକ୍ଷ୍ମୀବାଇ, ଦୁର୍ଗାବାଇ, ଅହଲ୍ୟାବାଈ ଓ ମହାରାଣୀ ଶୁକଦେଈ ଭାବରେ ଓ ଏ ଜାତିକୁ ଦିଅନ୍ତି ସମୁଚିତ ଦିଗ୍‌ଦର୍ଶନ। ସେ ଶକ୍ତିପ୍ରଦାୟିନୀ, ଅଭୟଦାୟିନୀ ସେ ପୁଣି ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗତିନାଶିନୀ। ସେ କାଳୀ କାତ୍ୟାୟନୀ ଓ ଦୁଷ୍ଟ ସଂହାରିଣୀ। ସେ ସ୍ମୃତି, ମେଧା, ଧୃତି, କ୍ଷମା, ସ୍ନିଗ୍ଧା ଓ ଅଭୟା। କେବେ ସେ ସର୍ବଂସହା ଧରିତ୍ରୀ ଓ କେବେ ପୁଣି ଅଗ୍ନିପ୍ରଜ୍ୱଳିନୀ। କେବେ ସେ କ୍ଷୀଣକଟି ସ୍ରୋତସ୍ୱିନୀ, କଳନନ୍ଦିନୀ ନାୟିକା ଝରଣା ତ କେବେ ପୁଣି ବନ୍ୟାପ୍ଲାବିନୀ ତଟକ୍ଷୟୀ ଉଗ୍ରତଟିନୀ। ନାରୀ ଅବଳା ଦୁର୍ବଳା ବୋଲି ପ୍ରତୀୟମାନ ହେବା ଏକ ଭ୍ରମ ମାତ୍ର। ନାରୀର ସହନଶୀଳତାକୁ ତା'ର ଦୁର୍ବଳତା ମନେକରିବା ଉଚିତ ନୁହେଁ।

ମା'ର ସନ୍ତାନ ବାତ୍ସଲ୍ୟ, ଅପତ୍ୟ ସ୍ନେହ ଓ ସର୍ବୋପରି ଉଦାର ସହନଶୀଳତା ଅନନ୍ୟ। ବିଶ୍ୱକବି ରବୀନ୍ଦ୍ରନାଥଙ୍କର ଚେତାବନୀ ହେଲା ଶିଶୁକୁ କୌଣସି ପରିସ୍ଥିତିରେ ମା'ଠାରୁ ଦୂରେଇନେବା ଉଚିତ ନୁହେଁ। ଦୁଷ୍ଟପିଲାକୁ ଶାସନ କରିବାକୁ ଯାଇ ଆମେ ବେଳେବେଳେ ତାକୁ ମାମୁ, ମାଉସୀ କିମ୍ବା ଅନ୍ୟ ସମ୍ପର୍କୀୟଙ୍କ ଘରେ ରଖାଇ ପାଠପଢ଼ାର ବ୍ୟବସ୍ଥା କରୁ; ଯାହା ଶିଶୁର ମନୋରାଜ୍ୟକୁ ଭୟଙ୍କର ପ୍ରଭାବିତ କରେ। ଆମେ ଭଲକରିବାକୁ ଯାଇ ଏପରି କିଛି କରିବା ନାହିଁ ଯାହା ପିଲାର ଭବିଷ୍ୟତକୁ ଦୁର୍ଦ୍ଦିନକୁ ଠେଲିଦେବ। ସମସ୍ତ ପ୍ରତିକୂଳତାକୁ ସାହସର ସହ ସମ୍ମୁଖୀନ ହେବାର ଦକ୍ଷତା ଶୈଶବରୁ ହିଁ ଶିକ୍ଷାଦେବା ଉଚିତ। ଏଠାରେ ଏକ ଦୃଷ୍ଟାନ୍ତର ପ୍ରାସଙ୍ଗିକତା ଉଲ୍ଲେଖ କରାଯାଇପାରେ। ପ୍ରସିଦ୍ଧ ଗଣିତଜ୍ଞ ଭାସ୍କରାଚାର୍ଯ୍ୟ ତାଙ୍କ କନ୍ୟା ଲୀଳାବତୀଙ୍କୁ ଅତି କମ୍ ବୟସରେ ବିବାହ କରାଇଥିଲେ। ମାତ୍ର ବିଧିର ବିଡମ୍ବନା ଯେ ଲୀଳାବତୀ ମାତ୍ର ଏଗାର ବର୍ଷ ବୟସରେ ବିଧବା ହେଲେ। ଝିଅ ଯେତେବେଳେ ଦୁଃଖରେ ଭାଙ୍ଗି ପଡୁଥିଲା, ଠିକ୍ ସେତିକି ବେଳେ ପିତା ତାଙ୍କୁ ଗଣିତବିଦ୍ୟା ଅଧ୍ୟୟନ ପାଇଁ ଅନୁପ୍ରେରିତ କରିଥିଲେ। ପିତାଙ୍କର ପ୍ରେରଣା ପ୍ରାପ୍ତହୋଇ ଗଣିତ ବିଦ୍ୟାରେ ଅତୀବ ବିଜ୍ଞ ଓ ଧୂରୀଣ ହୋଇ ଉଠିଲେ।



ତାଙ୍କ ପ୍ରଣୀତ 'ଲୀଳାବତୀ ସୂତ୍ର' ପ୍ରାଚୀନ ଗଣିତଶାସ୍ତ୍ରକୁ ଏକ କାଳଜୟୀ ଅବଦାନ। ପୃଥିବୀ ଇତିହାସରେ ଗର୍ବ ଓ ଗୌରବର ଅଧିକାରିଣୀ ସାଜିଥିବା ନାରୀ ଚରିତ୍ରର ରହିଛି ସୀମାହୀନ ଉଦାହରଣ।

ସନ୍ତାନକୁ ଶ୍ରେଷ୍ଠରୂପେ ଗଢିତୋଳିବାରେ ଯେଉଁ ମା'ର ଅବଦାନ ଅତୁଳନୀୟ ପିଲା ବଡ ହେଲା ପରେ ସେହି ମା'କୁ ଦେଉଛି ଅସହ୍ୟ କଷଣ। ମା'କୁ ସୁଦୂରକୁ ଅପସାରିତ କରି ନିଜେ ସୁଖ ସମ୍ଭୋଗରେ ମାତିଉଠେ। ତା'ର ପତ୍ନୀ ଓ ସନ୍ତାନ ବିଶିଷ୍ଟ ସଂସାରରେ ମା'ଏକ ଅଲୋଡା ବସ୍ତୁ। ଯେଉଁ ନାରୀ ସ୍ୱୟଂସମ୍ପୂର୍ଣ୍ଣା, ପରିପୂର୍ଣ୍ଣା ତା' ପ୍ରତି ଆଜି ଏ ବିପରୀତ ଭାବନା କାହିଁକି ? କ୍ରମାଗତ ଭାବେ ଲକ୍ଷ୍ୟ କରାଯାଉଛି ଝିଅଙ୍କର ସଂଖ୍ୟା ପୁଅ ସଂଖ୍ୟା ତୁଳନାରେ କ୍ରମାଗତ ଭାବେ ହ୍ରାସପାଇ ଚାଲିଛି। ନ୍ୟାଶନାଲ ଫ୍ୟାମିଲ ହେଲ୍‌ଥ ସର୍ଭେ କହେ ଓଡ଼ିଶାରେ ୨୦୧୫-୧୬ରେ ପ୍ରତି ହଜାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଥିଲା ୯୩୨। କିନ୍ତୁ ୨୦୨୦-୨୧ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି ଯେ ଝିଅଙ୍କ ସଂଖ୍ୟା ୮୯୪କୁ ଖସି ଆସିଛି। ଆଶ୍ଚର୍ଯ୍ୟର କଥା ୧୯୬୧ ଜନଗଣନାରେ ପ୍ରତି ୧୦୦୦ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଥିଲା ୧୦୩୫। ୧୯୭୧ରେ ଥିଲା ୧୦୨୦। ପ୍ରଥମ ଥର ପାଇଁ ୧୯୮୧ ଜନଗଣନାରେ ଝିଅ ସଂଖ୍ୟା ପୁଅ ସଂଖ୍ୟା ତୁଳନାରେ ହ୍ରାସ ପାଇ ହେଲା ୯୯୫। ସେହିବର୍ଷଠାରୁ ଝିଅ ସଂଖ୍ୟା କ୍ରମାଗତ ହ୍ରାସ ପାଇଁ ବର୍ତ୍ତମାନ ୮୯୪ରେ ପହଞ୍ଚିଛି। ପୁଅ ସଂଖ୍ୟା ତୁଳନାରେ ଝିଅ ସଂଖ୍ୟା ହ୍ରାସ ପାଇବାରେ ଓଡ଼ିଶାର ସ୍ଥାନ ସର୍ବଭାରତୀୟ ସ୍ତରରେ ଛ'ନମ୍ବର। କେରଳ, ଛତିଶଗଡ଼, ହିମାଚଳ ପ୍ରଦେଶ, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ କ୍ରମାନ୍ୱୟରେ ଓଡ଼ିଶା ଉପରକୁ ଅଛନ୍ତି। ସାମଗ୍ରିକ ଭାବେ ଭାରତବର୍ଷରେ ଓ ବିଶେଷଭାବେ ଓଡ଼ିଶାରେ ଝିଅ ସଂଖ୍ୟା ହ୍ରାସ ପାଇବା କେବଳ ସରକାର ନୁହେଁ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଝିଅପୁଅ ସଂଖ୍ୟାରେ ସମତା ରକ୍ଷା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ କର୍ମଶାଳା ଆୟୋଜନ କରାଯାଇ ବିଶଦ ଆଲୋଚନା କରାଯାଇଛି। ମାତୃଗର୍ଭରେ ଲିଙ୍ଗ ନିରୂପଣକୁ ସମ୍ପୂର୍ଣ୍ଣ ଅବୈଧ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଲିଙ୍ଗ ନିରୂପିତ ନ ହୋଇ କନ୍ୟା ସନ୍ତାନ ଭୂମିଷ୍ଠ ହେଲା ପରେ ତାକୁ ମୃତ୍ୟୁମୁଖକୁ ଠେଲି ଦିଆଯାଉଛି। ନିକଟରେ ସମ୍ବଲପୁର ଅଞ୍ଚଳରେ ନବଜାତ ଶିଶୁକନ୍ୟାକୁ ଅବ୍ୟବହୃତ ନଳକୂପ ଖାତ ମଧ୍ୟରେ ନିକ୍ଷେପ କରିବା ଏହାର ଏକ ବଳିଷ୍ଠ ଉଦାହରଣ। ଉଦ୍ଧାର ହେବା ପରେ ଭିମ୍‌ସାର ମେଡିକାଲର ଡାକ୍ତର ଓ କର୍ମଚାରୀଙ୍କ ଉଦ୍ୟମରେ ଶିଶୁଟି ନବଜୀବନ ଲାଭ କରିଛି। ଉଦ୍ଧାରର ଏକୋଇଶ ଦିନ ଭିମ୍‌ସାର ପକ୍ଷରୁ ଏକ ଉତ୍ସବାନୁଷ୍ଠାନ ପାଳନ କରାଯାଇ କନ୍ୟାଟିର ନାମ ରଖାଯାଇଛି 'ବିଜୟିନୀ'। ଭିମ୍‌ସାର କର୍ତ୍ତୃପକ୍ଷ ବାସ୍ତବରେ ଧନ୍ୟବାଦାର୍ହ।

ପୁତ୍ରମାନଙ୍କର ବୃଦ୍ଧ ମାତାପିତାଙ୍କ ପ୍ରତି ସକଳ ଅବିଚାର ସତ୍ତ୍ୱେ କନ୍ୟା ସନ୍ତାନ ପ୍ରତି ବିମୁଖତା ବଢିଚାଲିଛି। ତା'ର କାରଣ ଉଭୟ ସାମାଜିକ ଓ ଅର୍ଥନୈତିକ। ଯୌତୁକ ରାକ୍ଷସ ଓ କନ୍ୟାମାନଙ୍କୁ ମାତାପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଓ ପିଣ୍ଡ ଦାନରେ ଭାଗ ନେବାରୁ ବଞ୍ଚିତ କରାଯିବା ଦୁଇଟି ମୁଖ୍ୟ କାରଣ। ଆମର ମା'ଟିଏ ଦରକାର, ଭଉଣୀଟିଏ ଦରକାର ମାତ୍ର କନ୍ୟା ସନ୍ତାନଟିଏ ଜାତ ହେଲେ ସବୁ ଅଙ୍କ ଯେମିତି ବିଗିଡି ଯାଉଛି। ଏ ପ୍ରକାର ହୀନ ମାନସିକତାରୁ କ'ଣ ଆମର ମୁକ୍ତି ନାହିଁ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## ଏଇ ଭାରତରେ

ବିବାହ ଶୋଭାଯାତ୍ରାରେ ବରଯାତ୍ରୀ ଯାଉଛନ୍ତି। ଡିଜେ ବାଜୁଛି, ଲୋକେ ବି ଧୁମ୍‌ଧାମ୍‌ରେ ନାଚଗୀତ କରୁଛନ୍ତି। ମାତ୍ର ରାସ୍ତାରେ ଛିଡ଼ା ହୋଇଥିବା ଦର୍ଶକମାନଙ୍କୁ ଡିଜେ ମ୍ୟୁଜିକ୍ କିଛି ବି ଶୁଭୁନାହିଁ। ଏମିତି ଏକ କଥା ହୁଏତ କାହାର ବିଶ୍ୱାସ ହୋଇ ନ ପାରେ, କିନ୍ତୁ ଏହା ସତ। ଏଭଳି ଘଟଣା ଏବେ ଖୁବ୍ ଚର୍ଚ୍ଚାକୁ ଆସିଛି। ସୋସିଆଲ ମିଡିଆରେ ଏହି ଘଟଣା ଶେୟାର ହେବା ପରେ ଭାଇରାଲ୍ ହେବାରେ ଲାଗିଛି। ଖବର ଅନୁସାରେ, ପ୍ରକୃତରେ ଭାରତର ଏକ କ୍ୟାନ୍‌ସର ହସ୍‌ପିଟାଲ ନିକଟରେ ବିବାହ ଆୟୋଜନ ହୋଇଥିବାରୁ ଆୟୋଜକମାନେ ଏଭଳି ନୀରବ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ବରଯାତ୍ରୀ ଶୋଭାଯାତ୍ରାରେ ଅତ୍ୟଧିକ ଡିଜେ ଶବ୍ଦ ହସ୍‌ପିଟାଲରେ ଥିବା ରୋଗୀମାନଙ୍କୁ ଅସୁବିଧାରେ ପକାଇପାରେ, ତେଣୁ ସେମାନଙ୍କୁ ଆଦୌ କୌଣସି ପ୍ରକାର ଅସୁବିଧାରେ ନ ପକାଇବା ଲକ୍ଷ୍ୟରେ ଏଭଳି ଶୋଭାଯାତ୍ରା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ବରଯାତ୍ରୀ ଦଳରେ ସାମିଲ ହୋଇଥିବା ସବୁ ଲୋକ କାନରେ ହେଡ୍‌ଫୋନ୍ ଲଗାଇ ଡିଜେ ଗୀତର ତାଳେ ତାଳେ ନାଚି ନାଚି ଯାଇଥିଲେ। ଏଭଳି ଏକ ନିଆରା ବିବାହ ଶୋଭାଯାତ୍ରାକୁ ନେଇ ଏବେ ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚା ହେଉଛି। ଶବ୍ଦ ପ୍ରଦୂଷଣ ରୋକିବା ନିମନ୍ତେ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି ଅନେକେ କହି ବୁଲୁଛନ୍ତି।

## ଚିରନ୍ତନୀ

ଭୁବନ ଭରି ଆଜି ପ୍ରେୟସୀ ମୋର ଚଳେ
ଭୁବନ ଭରି ସେ ଗୋ କାନ୍ଦେ ମୋ
ବିରହରେ।
ନୀଳ ଅଞ୍ଚଳେ ତା'ର ଖେଳେ ଆଲୋକ
ଛାୟା
ଆବରି ଦଶଦିଶି ଦେଖାଏ ରୂପମାୟା।
ରୂପସୀ ଉଠ ହସି
କେଉଁ ଗଗନେ ବସି
ଦେଖାଅ ରୂପମାୟା
ଏ ଯେ ଆଲୋକ ଛାୟା।
-(ଆଶ୍ୱାସନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଜିଲ୍ଲା ପ୍ରଶାସନର ଦୃଷ୍ଟିପାତ୍ତୁ

ମହାଶୟ,

ଜଟଣୀରେ ଓଭରବ୍ରିଜ କାମ ବାଦ ଓ ବିବାଦ ଭିତରେ ଶେଷ ହେଲା। ବଡ଼ବଜାର ଘରୋଇ ଜମି ମାଲିକମାନଙ୍କୁ ରାଜ୍ୟ ସରକାର କ୍ଷତିପୂରଣ ଦେଇ ଦୋକାନ ଘରଗୁଡ଼ିକ ଉଚ୍ଛେଦ କଲେ। ବର୍ତ୍ତମାନ ଦେଖାଯାଉଛି ସେହି ସରକାରୀ ଜାଗା ଉପରେ ଦୋକାନୀମାନେ ଘର ନିର୍ମାଣ କରି ଭଡ଼ାସୂତ୍ରରେ ଦେଇ ମାଲିକମାନେ ମାଲାମାଲ ହେଉଛନ୍ତି। ଏ ଦିଗରେ ରାଜସ୍ୱ ବିଭାଗ, ଜିଲାପାଳ, ଜଟଣୀ ପୌରପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର ନିରବ। ଜଟଣୀ ସହରକୁ ଜବରଦଖଲ ଏବଂ ଡ୍ରେନ୍‌କୁ ଅବରୋଧ ମୁକ୍ତ ଲାଗି ଦାବି ହେଉଛି।

-ସୁରେଶ ସାହୁ, ଜଟଣୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନାବାଳିକା ବଳାତ୍କାର ମାମଲା: ଫେରାର ଅଭିଯୁକ୍ତ ଗିରଫ

ଚାନ୍ଦବାଲି, (କିଷାନ ପାତ୍ର)- ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ୨ବର୍ଷ ପରେ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁବ୍ରତ ବିଶ୍ୱାଳ(୪୨)। ଶନିବାର ବିଳମ୍ବିତ ରାତିରେ ତାଙ୍କ ଘରୁ ପୋଲିସ ଗିରଫ କରିଥିଲା। ରବିବାର ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ସଂକ୍ଷେପରେ**

## ଚାକିରି କରାଇଦେବା ନାଁରେ ଠକେଇ

ଖୁଣ୍ଟା/ଗୋପବନ୍ଧୁନଗର,୧୪।୧ (ଦେବରଞ୍ଜନ ବେହେରା/ ଶାନ୍ତନୁ ମଟୁଆଲ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଚାକିରି କରାଇଦେବା ନାଁରେ ଠକେଇ ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୧୩/୨୪) ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ବାରଡ଼ାଙ୍ଗୁଆ ଗ୍ରାମର ବିଶ୍ୱନାଥ ମାରାଣ୍ଡି ତାଙ୍କ ପୁଅର ଚାକିରି କରାଇଦେବା ପାଇଁ ଭଞ୍ଜପୁର ଥାନା ଅଧୀନରେ ଥିବା ଏକ ସଂସ୍ଥାର ମୁଖ୍ୟଙ୍କୁ ଯୋଗାଯୋଗ କରିଥିଲେ। ସମ୍ପୃକ୍ତ ମହିଳା ଜଣକ ବ୍ୟାଙ୍କରେ ପିଅନ ଭାବେ ନିଯୁକ୍ତି କରାଇ ଦେବାକୁ କହି ବିଶ୍ୱନାଥଙ୍କଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ନେଇଥିଲେ। ଏହାମଧ୍ୟରେ ବର୍ଷାଧିକକାଳ ବିତିଯାଇଥିଲେ ମଧ୍ୟ କୌଣସି ନିଯୁକ୍ତି ନ ମିଳିବାରୁ ବିଶ୍ୱନାଥ ଉକ୍ତ ମହିଳାଙ୍କୁ ବିଭିନ୍ନ ସମୟରେ ଫୋନ୍ କଲ୍ କରୁଥିଲେ ହେଁ ସେ ଉଠାଉ ନାହାନ୍ତି। ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିବା ବିଶ୍ୱନାଥ କହିଛନ୍ତି।

## ଶତାୟୁଙ୍କ ପରଲୋକ

ବାସୁଦେବପୁର,୧୪।୧(ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୭ ନଂ. ୱାର୍ଡ ପ୍ରବୋଧପୁର ଗ୍ରାମର ଶତାୟୁ ପୁରୁଷ ସାରଙ୍ଗଧର ଓଝାଙ୍କ ଶନିବାର ରାତିରେ ପରଲୋକ ହୋଇଛି। ପରୋପକାରୀ ଓ ସଂସ୍କୃତିପ୍ରେମୀ ମଣିଷ ଭାବେ ସେ ପରିଚିତ ଥିଲେ। ସେ ଜଣେ ସଫଳ କାଠ କାରିଗର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସାରଙ୍ଗଧର ହେଉଛନ୍ତି କବି ସନ୍ତୋଷ ଓଝା ଏବଂ ଶିକ୍ଷକ ଶରତ ଓଝାଙ୍କ ବାପା। ରବିବାର ତାଙ୍କ ଗାଁରେ ଶେଷକୃତ୍ୟ କରାଯାଇଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ମୋରଡ଼ା,୧୪।୧(ସ୍ୱାରକ ମାଜୀ): ମୟୂରଭଞ୍ଜ ଜିଲା ରସଗୋବିନ୍ଦପୁର ବ୍ଲକ୍‌ର ଅମର୍ଦା ଯୁବକ ସଂଘ ଆନୁକୂଲ୍ୟରେ ମକର ଉତ୍ସବ ଉପଲକ୍ଷେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରିପଦାର ମୁସ୍କାନ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ହାଣ୍ଡିଧୁଆ ଟିମ ରନର୍ସଅପ ହୋଇଥିଲା। ସେହିପରି ଆଭାସ ଚନ୍ଦ୍ର ସ୍ମାରକୀ କର୍କ ବଲ କ୍ରିକେଟ ଟୁର୍ନାମେଣ୍ଟରେ ମୁକ୍ତେଶ୍ୱର ସ୍ପୋର୍ଟିଂ କ୍ଲବ୍ ଚାମ୍ପିୟନ ଏବଂ ବାଲେଶ୍ୱରର ରକି କ୍ଲବ୍ ରନର୍ସଅପ ହୋଇଛି। ସୋମନାଥ ସ୍ମାରକୀ ଟେନିସ ବଲ ଟୁର୍ନାମେଣ୍ଟରେ ଥେଙ୍ଗଡିହା ଚାମ୍ପିୟନ ଓ ଭେଟେରାନ କ୍ଲବ୍ ରନର୍ସଅପ ହୋଇଥିଲା। ପରେ ଛୋଟ ଛୋଟ ପିଲାମାନଙ୍କର ପଚାଶ ପ୍ରକାର ଖେଳ ପ୍ରତିଯୋଗିତା, ମହିଳା ମାନଙ୍କର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ କମଳେନ୍ଦୁଲାଲ ମହାନ୍ତ, ଅମର୍ଦା ସରପଞ୍ଚ ଦୁଲାରୀ ହାଁସଦା, ସମାଜିକକର୍ମୀ ମଦନ ମୋହନ ଜେନା, ମଳୟ ଜେନା, କ୍ଲବ୍‌ର ସଭାପତି ସଞ୍ଜୀବ ଦାସ, ସମ୍ପାଦକ ଅସିତ୍ ଜେନା ଯୋଗଦେଇ କୃତୀ ଟିମ୍ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ଲବ୍‌ର ସଦସ୍ୟ ବିକାଶ ପଟ୍ଟନାୟକ, ଗୋପାଳ ବେହେରା, ଆକାଶ ପଟ୍ଟନାୟକ, ଦିଲ୍ଲୀପ ଷଡ଼ଙ୍ଗୀ, ଅରୁଣ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଝଲସୁଛି ଧୁନିବାଡ଼ି ପୀଠ

ଭଦ୍ରକ,୧୪।୧(ସନାତନ ରାଉତ)

ମକର ସଂକ୍ରାନ୍ତି ଆସିଲେ ମନେପଡ଼େ ମା' ସଙ୍କଟ ତାରିଣୀଙ୍କ ପୀଠ ଧୁନିବାଡ଼ି। ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଆଡ଼ିଆ ପଞ୍ଚାୟତ କୁଆଁର୍ଦ୍ଦା ଗ୍ରାମର ଦକ୍ଷିଣ ଦିଗରେ ଏହି ପୀଠ ରହିଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମେଳା ଅନୁଷ୍ଠିତ ହୋଇଥାଏ। ସୋମବାର ମକର ମେଳା ପାଇଁ ଏହି ପୀଠ ଚଳଚଞ୍ଚଳ ହୋଇଉଠିଛି। ରଙ୍ଗିନ ଆଲୋକରେ ପୀଠ ଝଲସୁଛି। ୩ଦିନ ଧରି ଏଠାରେ ମେଳା ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ଭଜନ କୀର୍ତ୍ତନ, ପ୍ରବଚନ, ନୃତ୍ୟ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଛି। ମେଳା ପରେ ଅପେରା ପ୍ରଦର୍ଶନ ହେବ।

ମା'ଙ୍କ ପାଖରେ ଯିଏ ଯାହା ମାନସିକ ରଖେ, ତାହା ନିଶ୍ଚିତ ପୂରଣ ହୁଏ ବୋଲି ଲୋକଙ୍କ ଅଖଣ୍ଡ ବିଶ୍ୱାସ ରହିଛି। ଆଖପାଖ ୫ଖଣ୍ଡ ଗାଁରେ ବିପଦ ଆସିଲେ ଲୋକେ ଧୁନିବାଡ଼ି ପୀଠରେ ମା' ସଙ୍କଟ ତାରିଣୀଙ୍କୁ ବିପଦରୁ ଉଦ୍ଧାର ପାଇଁ



ପୀଠରେ ପୂଜା ପାଉଛନ୍ତି ମା' ସଙ୍କଟ ତାରିଣୀ।

ଗୁହାରି କରନ୍ତି। ବଡ଼ ସଙ୍କଟରୁ ମା' ରକ୍ଷା କରିଥାନ୍ତି ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି। ଯେକୌଣସି କାମରେ ମା'ଙ୍କୁ ସ୍ମରଣ କରି ଲୋକେ ଘରୁ ବାହାରିଥାନ୍ତି। ଲୋକକଥା ଅନୁସାରେ ବହୁ ପୂର୍ବରୁ ଗାଁର ଦକ୍ଷିଣ ପଶ୍ଚିମ ଦିଗରେ ଏକ ଘନ ଜଙ୍ଗଲ ଥିଲା। ସେହି ଜଙ୍ଗଲ ମଧ୍ୟରେ ଏକ ସରୋବର କୂଳରେ କର୍ଦ୍ଦମ ନାମକ ଜଣେ ଋଷି ବାସ କରୁଥିଲେ। ଉକ୍ତ ଜଙ୍ଗଲରେ ବାସ କରୁଥିବା ସଙ୍କଟ ନାମକ ଏକ ରାକ୍ଷସ ଋଷିଙ୍କ ତପସ୍ୟାରେ ବାରମ୍ବାର ବିଘ୍ନ ସୃଷ୍ଟି କରୁଥିଲା। ସ୍ଥାନୀୟ ଲୋକଙ୍କ ଉପରେ ମଧ୍ୟ ବହୁ ଅତ୍ୟାଚାର କରୁଥିଲା। ସେତେବେଳେ ଏହି ଅଞ୍ଚଳର ଚାଷୀମାନେ ଚାଉଳ ବିକିବା ପାଇଁ ଦଳବଦ୍ଧ ଭାବେ ବଳଦ ପିଠିରେ ଚାଉଳ ବସ୍ତା ଲଦି ଝାଡ଼ଖଣ୍ଡ ରାଜ୍ୟକୁ ଯାଉଥିଲେ। ଏକଦା ଚାଷୀମାନେ ଝାଡ଼ଖଣ୍ଡରୁ

**ଆଜି ମକର ମେଳା**

ଫେରୁଥିବା ବେଳେ ଜଙ୍ଗଲ ରାସ୍ତାରେ ରାତି ହୋଇଯାଇଥିଲା। ଭୟଭୀତ ହୋଇ ସମସ୍ତେ ଏକ ସ୍ୱରରେ ବନଦେବୀଙ୍କୁ ଡାକିଥିଲେ। ବନଦେବୀ ସେମାନଙ୍କ ଡାକ ଶୁଣି ଏକ ଜ୍ୟୋତି ରୂପରେ ଦେଖାଦେବା ସହ ସାଙ୍ଗରେ ଆସି ସେମାନଙ୍କୁ ଜଙ୍ଗଲ ପାରି କରିଥିଲେ। ଠିକ୍ ସେହିଦିନ ଋଷିଙ୍କ ଯଜ୍ଞରେ ରାକ୍ଷସ ବିଘ୍ନ ସୃଷ୍ଟି କରୁଥାଏ। ବନଦେବୀ ଜ୍ୟୋତି ରୂପରେ ଆବିର୍ଭାବ ହୋଇ ରାକ୍ଷସକୁ ସେଠାରୁ ବିତାଡ଼ିତ କରିଥିଲେ। ବନଦେବୀଙ୍କ ଆବିର୍ଭାବ ଯୋଗୁ ଗ୍ରାମବାସୀ ରାକ୍ଷସର ଅତ୍ୟାଚାର କବଳରୁ ମୁକ୍ତି ପାଇଥିଲେ। ସେହି ଜ୍ୟୋତିକୁ ଗାଁ ଲୋକେ ସେଠାରେ ସ୍ଥାପନା କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। କର୍ଦ୍ଦମ ଋଷିଙ୍କ ନାମାନୁସାରେ ଏହି ଗାଁର ନାମକୁ କୁଆଁର୍ଦ୍ଦା ରଖାଯାଇଛି ବୋଲି ଗ୍ରାମର ବୟୋଜ୍ୟେଷ୍ଠ ଲୋକେ ମତପ୍ରକାଶ କରିଛନ୍ତି।

## ଥାନା ଅଧିକାରୀ ଓ କନଷ୍ଟେବଲସ୍ତରରେ ଅଦଳବଦଳ

କେନ୍ଦୁଝର,୧୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଦାଗଡୁ ଜିଲାସ୍ତରରେ ଇନ୍ସପେକ୍ଟର, ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ତଥା କନଷ୍ଟେବଲସ୍ତରରେ ଅଦଳବଦଳ କରିଛନ୍ତି। ଏଥିରେ ଟାଉନଥାନା ଅଧିକାରୀ ଇନ୍ସପେକ୍ଟର ସୁନୀଲ କରଙ୍କ ବଦଳି ଘଷିପୁରା ଥାନାକୁ ହୋଇଥିବା ବେଳେ ବାରିଆ ଥାନା ଅଧିକାରୀ ରମାକାନ୍ତ ସାଏଙ୍କ ଟାଉନ ଥାନାକୁ, ମୁଖ୍ୟାଳୟରୁ ପ୍ରଦୀପ୍ତ କୁମାର ସେଠୀଙ୍କ ପଣ୍ଡାପଡ଼ା ଥାନାକୁ ବଦଳି ହୋଇଛି। ଘଷିପୁରା ଥାନାର ଏସ୍‌ଆଇ ସକିର ଆଖାରଙ୍କ ନନ୍ଦିପଦା ଥାନା, ଅଖାମଣୀ ଟୁଡୁଙ୍କ ଟାଉନ ଥାନା, ଯମୁନା ମାରାଣ୍ଡିଙ୍କ ବଦଳି ତୁରୁମୁଙ୍ଗାରୁ ସୋସୋ ଥାନା ଓ ଅନନ୍ତ ନାରାୟଣ ନାଏକଙ୍କ ଯୋଡ଼ା ଥାନାରୁ ବଉଳା ଆଉଟ୍‌ପୋଷ୍ଟକୁ ହୋଇଛି। ସେହିପରି ନୟାକୋଟ ଥାନାର ଏଏସ୍‌ଆଇ ଜେନା କ୍ୱାଲକ୍ୱୋଙ୍କ ଟାଉନ ଥାନାକୁ ଓ ଦୁଃଶାସନ ସାହୁଙ୍କ ବଦଳି ସଦର ଥାନାକୁ ହୋଇଥିବା ଜଣାପଡ଼ିଛି। ବଡ଼ବିଲ ଥାନାର ଏଏସ୍‌ଆଇ ଭାଗବତ ନାୟକଙ୍କ ବଦଳି ନୟାକୋଟ ଥାନାକୁ, ବଉଳା ଥାନାର ଏଏସ୍‌ଆଇ ତାରାସିଅସ କିରୋଙ୍କ ବଦଳି କାଞ୍ଜିପାଣି ଥାନାକୁ, ତୁରୁମୁଙ୍ଗା ଥାନାର ଏଏସ୍‌ଆଇ ନରେଶ ଓରାମଙ୍କ ବଦଳି ଝୁମ୍ପୁରା ଥାନାକୁ, ଧନଞ୍ଜୟ ମୁର୍ମୁଙ୍କ ବଦଳି ଦୈତାରୀ ଥାନାକୁ, ବାମେବାରୀ ଥାନାର ଏଏସ୍‌ଆଇ ସୁବୋଧ ବେହେରାଙ୍କ ବଦଳି ସଦର ଥାନାକୁ ହୋଇଛି। ମୁଖ୍ୟାଳୟରୁ ସବ୍‌ଇନ୍ସପେକ୍ଟର ସୂର୍ଯ୍ୟନାରାୟଣ ରାଉତରାୟଙ୍କ ବଦଳି ଟାଉନ ଥାନାକୁ ହୋଇଥିବା ବେଳେ ଏସ୍‌ଆଇ କଳ୍ପତରୁ ନାୟକଙ୍କ ବାମେବାରୀ ଥାନା, ଲକ୍ଷ୍ମଣ ମାଝୀଙ୍କ ପାଟଣା ଥାନା, ବୁଦ୍ଧଦେବ ପ୍ରସାଦ ଜେନାଙ୍କ ବଦଳି ରାମଚନ୍ଦ୍ରପୁର ଥାନା, ତାପସ ଦାସଙ୍କ ତୁରୁମୁଙ୍ଗା ଥାନା, ଅମିତ୍ ମହାରଣାଙ୍କ ବଡ଼ବିଲ ଥାନା, ଅଯୋଧ୍ୟା ମାଟିଆଙ୍କ ବଦଳି ଘଟଗାଁ ଥାନା, ରସାନନ୍ଦ ନାୟକଙ୍କ ତୁରୁମୁଙ୍ଗା ଥାନା, କିଶୋର ଚନ୍ଦ୍ର ପାତ୍ରଙ୍କ ଆରଏସଆଇକୁ, ଫନିଭୂଷଣ ମହାନ୍ତଙ୍କ ସୋସୋ ଥାନାକୁ ବଦଳି ହୋଇଛି। ଏଏସ୍‌ଆଇ ସରୋଜ ସେଠୀଙ୍କ ପାଟଣା ଥାନା, ସୁନ୍ଦରମଣୀ ନାୟକଙ୍କ ଟାଉନ ଥାନା ଓ ମମତା ପଟ୍ଟନାୟକଙ୍କ ଚମ୍ପୁଆ ଥାନାକୁ ହୋଇଛି। ହାବିଲଦାର ଜାନର୍ଦ୍ଦନା ରଣାଙ୍କ ନନ୍ଦିପଦା ଥାନା, କନଷ୍ଟେବଲ ବିଜୟ ସେଠୀଙ୍କ କାଞ୍ଜିପାଣି ଥାନାକୁ, ଦୁର୍ଯ୍ୟୋଧନ ନାଏକଙ୍କ ବଉଳା ଆଉଟ୍‌ପୋଷ୍ଟ, ବିଶ୍ୱନାଥ ସୋରେନଙ୍କ ସୋସୋ ଥାନା, ସିବାନନ୍ଦ ରାଉତଙ୍କ କାଞ୍ଜିପାଣି ଥାନାକୁ, ଧର୍ମେନ୍ଦ୍ର ଜେନାଙ୍କ ଯୋଡ଼ାରୁ ଆନନ୍ଦପୁର ଥାନାକୁ, ଦେବାଶିଷ ମହାପାତ୍ରଙ୍କ ସୋସୋ ଥାନାରୁ ଟାଉନ ଟ୍ରାଫିକ ଓ ଲିପିକା ଜେନାଙ୍କ ଦୈତାରୀ ଥାନାରୁ ଘଟଗାଁ ଥାନାକୁ ହୋଇଛି। ଆଦେଶ ବାହାରିବା ପରେ ତତ୍କାଳ ବହୁ ଅଧିକାରୀ ନୂତନ ସ୍ଥାନରେ ଯୋଗଦେଇ କାମ ଆରମ୍ଭ କରିଦେଇଛନ୍ତି।

# 'ସାମାଜିକ ପରିବର୍ତ୍ତନର ମୂଳପିଣ୍ଡ ଶିକ୍ଷା'


ସମାରୋହରେ ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ।

ତିହିଡ଼ି,୧୪।୧(ସଞ୍ଜିତ ବଳ)

**ସିଆର୍‌ଏସ୍ ହାଇସ୍କୁଲ ପ୍ଲାଟିନମ ଜୁବିଲିର ୨ୟ ଦିବସ**

ଶିକ୍ଷା ହେଉଛି ସାମାଜିକ ପରିବର୍ତ୍ତନର ମୂଳପିଣ୍ଡ। ପ୍ରାଥମିକ ସ୍ତରରୁ ପିଲାଙ୍କୁ ଉତ୍ତମ ଶିକ୍ଷା ଦିଆଗଲେ ସେମାନେ ଦେଶ ଗଠନରେ ସହାୟକ ହୋଇପାରିବେ। ଭଦ୍ରକ ଜିଲା ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲର ପ୍ଲାଟିନମ୍ ଜୁବିଲିର ୨ୟ ଦିବସରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ରେଭେନ୍‌ସା ବିଶ୍ୱବିଦ୍ୟାଳୟର କୁଳପତି ଡ. ସଞ୍ଜୟ କୁମାର ନାୟକ ଏହି ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଖାରବେଳ ମହାନ୍ତି ଯୋଗଦେଇ ଯୋଗ, ସଂଯୋଗ ଓ ସହଯୋଗ ଏକାଠି ହେଲେ ଆଦର୍ଶ ଶିକ୍ଷାନୁଷ୍ଠାନ ଗଢ଼ି ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ଡ. ସରୋଜ କୁମାର ପାଢ଼ୀ ଯୋଗ ଦେଇଥିଲେ। ପୁରାତନ ଛାତ୍ର ତାପସ ମଲ୍ଲିକ ଅତିଥି ପରିଚୟ ପ୍ରଦାନ ଓ କବି ଅମୂଲ୍ୟ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅବସର ନେଇଥିବା ପ୍ରଧାନଶିକ୍ଷକ ବାବାଜୀ ଚରଣ ଖିଲାର, ଅଜୟ ମହାକୁଡ଼ ଓ ଗିରିଜା ରମଣ ଜେନା, ଶିକ୍ଷକ ପ୍ରତାପ ଆଚାର୍ଯ୍ୟ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। କବି ପି. ହୃଷୀକେଶଙ୍କ ସଞ୍ଚାଳନରେ କବିତା ପାଠ କରାଯାଇଥିଲା। କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ, ସମ୍ପାଦକ ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ରଙ୍କ ସମେତ କର୍ମକର୍ତ୍ତା ଓ ପୁରାତନ ଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୭ ଆଦିବାସୀ ଯୁବକଙ୍କୁ ନିର୍ଯାତନା

**ପରିବାର ପକ୍ଷରୁ ଥାନାରେ ଅଭିଯୋଗ**

କେନ୍ଦୁଝର,୧୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଦୁଆରଶୁଣି ଗ୍ରାମର ୧୭ ଜଣ ଆଦିବାସୀ ଯୁବକ ସିକନ୍ଦରାବାଦ୍ କାମ କରିବାକୁ ଯାଇ ନିର୍ଯାତିତ ହେଉଛନ୍ତି। ଗାଁକୁ ଫେରିବାକୁ ଗୁହାରୀ କଲେ ବି ଠିକାଦାର ଛାଡୁ ନାହିଁ। ଏ ନେଇ ସେମାନେ ଜଣାଇବା ପରେ ପରିବାର ଲୋକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ମାସ ୨୦୨୩ରେ କୋଠା ନିର୍ମାଣ କାମରେ ଲୁହାଛଡ଼ ବାଇଣ୍ଡିଂ କାମ ପାଇଁ ଉକ୍ତ ବ୍ଲକ୍‌ର ମାନପୁର ଗ୍ରାମର ଜଣେ ଯୁବକ ୧୭ ଆଦିବାସୀ ଯୁବକଙ୍କୁ ନେଇ ଜଣେ ଠିକାଦାର ପାଖରେ ଛାଡ଼ିଥିଲେ। ମାଗଣା ଖାଇବା ପିଇବା ସହ ଦୈନିକ ୩୪୨ ଟଙ୍କା ମଜୁରି ଦେବାକୁ ପ୍ରଲୋଭିତ କରି ନେଇଥିବା ଅଭିଯୋଗ ହୋଇଛି। ତେବେ ଇତି ମଧ୍ୟରେ ୪ ମାସ ବିତିଯାଇଥିଲେ ହେଁ ପିଲାଙ୍କୁ ଟଙ୍କାଟିଏ ମଜୁରି ମିଳିନାହିଁ। ଏଣୁ ଘରକୁ ଆସିବାକୁ ଚାହୁଁଥିଲେ ହେଁ ସେମାନଙ୍କୁ ଆସିବାକୁ ଦିଆଯାଉନାହିଁ। ସେମାନଙ୍କ ପାଖରୁ କୌଶଳ କ୍ରମେ ବଳିଆ ଜୁଆଙ୍ଗ ନାମକ ଯୁବକ ଫେରି ଆସିବା ପରେ ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବାକୁ ପାଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅର୍ଥାଭାବ ଯୋଗୁ ପରିବାର ଲୋକେ ସିକନ୍ଦରାବାଦ ଯିବାକୁ ସାହସ କରିପାରୁନାହାନ୍ତି କିମ୍ବା ସେମାନଙ୍କୁ ଉଦ୍ଧାର କରି ପାରୁ ନ ଥିବା କହିଛନ୍ତି। ଏଣୁ ସେମାନଙ୍କୁ ଉଦ୍ଧାର କରିବାକୁ ବଳିଆ ଜୁଆଙ୍ଗ, ସୁକୁରାମଣୀ ଲାଗୁରୀ, ନାନିକା ମୁଣ୍ଡା ଦାବି କରିଛନ୍ତି। ଏ ନେଇ ଟାଉନଥାନାର ପୂର୍ବତନ ଅଧିକାରୀ ସୁନିଲ କର କହିଛନ୍ତି, ସେଭଳି ଅଭିଯୋଗ ଆସିନାହିଁ।

## କଠିନ ପରିଶ୍ରମ ସଫଳତା ଆଣିଦିଏ

**ଅଯୋଧ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ନୀଳଗିରି, ୧୪।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତ ଅଧୀନ ଅଯୋଧ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଲୁମିନିର ପୁରାତନ ଛାତ୍ର ତଥା ଭୁବନେଶ୍ୱର ଇଡ୍‌କୋର ମୁଖ୍ୟ ପ୍ରବନ୍ଧକ ସରୋଜ କୁମାର ସେଠୀ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଛାତ୍ରୀଛାତ୍ରଙ୍କୁ ସଫଳତା ଆଣି ଦେଇଥାଏ ବୋଲି ପ୍ରକାଶ କରିଥିଲେ।

ସ୍ୱତନ୍ତ୍ର ଅତିଥି ଭାବେ ଫକୀରମୋହନ ମେଡିକାଲ କଲେଜ ହସ୍ପିଟାଲ ବାଲେଶ୍ୱର ଆଡମିନିଷ୍ଟ୍ରେଶନ ମନୋରମା ଭୂୟାଁ ଏବଂ ମୁଖ୍ୟବକ୍ତା ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ଘୋଷ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ। ସମ୍ମାନନୀୟ ଅତିଥି ଭାବେ ଅଯୋଧ୍ୟା ପଞ୍ଚାୟତର ସରପଞ୍ଚ ତାରିଣୀ ସିଂ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ବାମନ ଚନ୍ଦ୍ର ମହାନ୍ତି ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁଶାନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଂଶୀଧର ପଡ଼ିଆରୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ସିଂହ ଅତିଥି ପରିଚୟ ଏବଂ ଆଲଫା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଜ୍ୟୋତ୍ସ୍ନାମୟୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ମୁଖ୍ୟଅତିଥି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଏବଂ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

# ଗଣପର୍ବ ମକର: ଗାଁ ଗହଳି ଉତ୍ସବମୁଖର

ରାଇରଙ୍ଗପୁର, ୧୪।୧(ମାନସ ମହାନ୍ତି)

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡରେ ବିଭିନ୍ନ ଆଦିବାସୀ ଏବଂ ମହାନ୍ତ ( କୁଡୁମୀ ) ସମ୍ପ୍ରଦାୟର ପ୍ରସିଦ୍ଧ ଗଣପର୍ବ ମକର ସ୍ଥାନୀୟ ସହରାଞ୍ଚଳଠାରୁ ଆରମ୍ଭ କରି ବିଭିନ୍ନ ଗ୍ରାମାଞ୍ଚଳରେ ରବିବାର ପାଳିତ ହୋଇଛି। ଏହି ଅବସରରେ ଦୂରଦୂରାନ୍ତରେ ରହୁଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକେ ତାଙ୍କ ପରିବାରଙ୍କୁ ସାଥିରେ ଧରି ନିଜର ଗ୍ରାମକୁ ଆସି ମକର ପର୍ବ ପାଳନ କରୁଥିବା ଦେଖାଯାଇଛି। ଆଦିବାସୀ ପରିବାର ଆବାଳବୃଦ୍ଧବନିତା ଗ୍ରାମ ନିକଟସ୍ଥ ନଦୀ ଏବଂ ପୁଷ୍କରଣୀରେ ଭୋରରୁ ବୁଡ ପକାଇବା ସହ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ପ୍ରତ୍ୟେକ ପରିବାରରେ ପିଠା, ଅରୁଆ ଚାଉଳ ଚୂନା ଏବଂ ଗୁଡର ତିଆରି ମକର ପିଠା ( ଆରସା ) ସମେତ ବିଭିନ୍ନ ପିଠା, ମାଛ ଏବଂ ମାଂସ ସହ ମିଷ୍ଟାନ୍ନ ଭୋଜନର ଆସର ଜମେ। ଏହି ଅବସରରେ ମହାନ୍ତ ( କୁଡୁମୀ ) ସମ୍ପ୍ରଦାୟ ଗ୍ରାମାଞ୍ଚଳରେ ଯୁବତୀ ଏବଂ ଯୁବକମାନଙ୍କ ପକ୍ଷରୁ ଟୁସୁ ପର୍ବ ପାଳନ କରାଯାଇଛି। ମହାନ୍ତ(କୁଡୁମୀ) ସମ୍ପ୍ରଦାୟ ସମେତ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ଯୁବତୀମାନେ ଗ୍ରାମାଞ୍ଚଳରେ ସୁସଜ୍ଜିତ ଟୁସୁ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ସହ ଭକ୍ତ ଉପାସନା କରାଯାଇଥିବା ଦେଖାଯାଇଛି। ମକର ସଂକ୍ରାନ୍ତିଠାରୁ ବିଭିନ୍ନ ଗ୍ରାମାଞ୍ଚଳରେ ଯୁବତୀ ଓ ମହିଳାମାନଙ୍କ ପକ୍ଷରୁ ମେଲାଣ ଉତ୍ସବ ପାଳନ କରାଯାଇଛି।

## ରାମତୀର୍ଥରେ ମକର ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ଚମ୍ପୁଆ,୧୪।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ନିକଟବର୍ତ୍ତୀ ବୈତରଣୀନଦୀ ତଟ ରାମତୀର୍ଥଠାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ରବିବାର ମକର ବୁଡ଼ ପକାଇଛନ୍ତି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ପବିତ୍ର ବୈତରଣୀ ନଦୀରେ ବୁଡ଼ ପକାଇ ଝାଡ଼ଖଣ୍ଡ ସୀମାରେ ଥିବା ରାମେଶ୍ୱର ମହାଦେବ ଓ ଓଡ଼ିଶା ସୀମାରେ ଥିବା ବିଶ୍ୱରୂପାୟ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ମକର ଚାଉଳ ଗ୍ରହଣ କରିଥିଲେ। ବୈତରଣୀର ଉଭୟ ପାର୍ଶ୍ୱରେ ଧୂମଧାମରେ ମକର ମେଳା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଏହା ଏକ ପ୍ରମୁଖ ପର୍ବ ହୋଇଥିବା ବେଳେ ଉଭୟ ପାର୍ଶ୍ୱରେ ମେଳା ଦେଖିବାକୁ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

## ୨ୟ ସେମିରେ ବ୍ରହ୍ମପୁର ବିଜୟୀ

ଖଇରା, ୧୪।୧(ଉତ୍କଳବନ୍ଧୁ ପଣ୍ଡା)

**ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମ୍ୟାଚରେ ବ୍ରହ୍ମପୁରର ଲିଡ ସ୍ପୋର୍ଟିଂ କଟକର ଶହୀଦ ସ୍ପୋର୍ଟିଂକୁ ୧୩୮ ରନରେ ପରାସ୍ତ କରି ଏକତରଫା ଭାବେ ବିଜୟଲାଭ କରିଛି। ପ୍ରଥମେ ବ୍ୟାଟିଂ କରି ବ୍ରହ୍ମପୁର ୨୦ଓଭରରେ ୬ ଉଇକେଟ ହରାଇ ୨୪୦ ରନ ସଂଗ୍ରହ କରିଥିଲା। ଜବାବରେ କଟକ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୨ରନ କରି ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଥିଲା । ଅଶୋକ କୁମାର ଜେନା ଓ ସାର୍ଥକ କୁମାର ବିଶ୍ୱାଳ ମ୍ୟାଚ ପରିଚାଳନା କରିଥିଲେ । ରାଜ୍ୟ ସଂସ୍କୃତି ଓ ମାନବ ସମ୍ବଳ ବିକାଶ ସମ୍ପାଦକ ଶଶି କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ରାଜାରାମଙ୍କୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ କମିଟିର ସମସ୍ତ ସଭ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ଅନୁଷ୍ଠିତ ହେବାକୁ ଥିବା ରୋମାଞ୍ଚକର ଫାଇନାଲରେ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ରବିବାରର ବିଜେତା ଲିଡ ସ୍ପୋର୍ଟିଂକୁ ଭେଟିବ।



ମୁଖ୍ୟଅତିଥି ଶଶି ସାହୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ରୂପସା ରେଳ ଜଙ୍କ୍‌ଶନ ସମସ୍ୟା ନେଇ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର

ରୂପସା, ୧୪।୧(ବାଞ୍ଛାନିଧି ଦେ)

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପସା ରେଳଜଙ୍କଶନ ଓ ଷ୍ଟେଶନରେ ଦୀର୍ଘଦିନ ଧରି ସମସ୍ୟା ଲାଗି ରହିଛି। ଏ ସମ୍ପର୍କରେ ବାରମ୍ବାର ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଏଯାବତ୍ ସମାଧାନ ହୋଇପାରୁନାହିଁ। ରବିବାର ବାଲେଶ୍ୱର ଏମ୍‌ସ ସାଟେଲାଇଟ ସେଣ୍ଟର ଗସ୍ତରେ ଆସିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ରୂପସା ଆଞ୍ଚଳିକ ବିକାଶ ପରିଷଦ ଓ ରେଳ ବ୍ୟବହାରକାରୀ ସଂଘ ପକ୍ଷରୁ ଏ ନେଇ ଦାବିପତ୍ର ଦିଆଯାଇଛି।

ରୂପସା ଷ୍ଟେଶନରେ ପୂର୍ବଭଳି ଡାଉନ ଜଗନ୍ନାଥ ଏକ୍ସପ୍ରେସ ଟ୍ରେନ୍‌ର ରହଣି, ବାରିପଦା-ରୂପସା ପାସେଞ୍ଜର ଟ୍ରେନ ପୂର୍ବଭଳି ବାଲେଶ୍ୱର ଷ୍ଟେଶନ ପର୍ଯ୍ୟନ୍ତ ଚଳାଚଳ କରିବା, ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ଷ୍ଟେଶନର ଉତ୍ତର କେବିନ୍‌ଠାରେ ଖୁବ୍‌ଶୀଘ୍ର ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଦିଲ୍ଲୀ ଯାଉଥିବା କୌଣସି ଏକ ଟ୍ରେନ୍‌ର ରହଣି ହେବା ଏବଂ ୪ ନମ୍ବର ପ୍ଲାଟଫର୍ମରେ


କେନ୍ଦ୍ର ରେଳମନ୍ତ୍ରୀଙ୍କ ସହ ଆଲୋଚନା ହେଉଛି।

ନୂତନ ଟିକେଟ ଭେଣ୍ଡିଂ ମେଶିନ ସ୍ଥାପନ କରିବା ଆଦି ୫ ଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ପରିଷଦ ସଭାପତି ଭଗବାନ ମହାପାତ୍ର, ସମ୍ପାଦକ ସୁଧାକର ଗିରି, ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ଏମ୍‌ପି ପ୍ରତିନିଧି ଶୁଭେଶ ନାଏକ, ପୂର୍ବତନ ସମବାୟ ସମିତି ସଭାପତି ହରେନ୍ଦ୍ର କୁମାର ଦାସ, ପୂର୍ବତନ ସରପଞ୍ଚ ଦେବାଶିଷ ମହାପାତ୍ର, ଅନ୍ନଦା ପ୍ରସନ୍ନ ପଟ୍ଟନାୟକ, ମନୋରଞ୍ଜନ ପ୍ରଧାନ, ଜଗଦୀଶ ପଟ୍ଟନାୟକ ଓ ବାଞ୍ଛାନିଧି ଦେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବିପତ୍ରର ନକଲ ବାଲେଶ୍ୱର ଏମ୍‌ପି, ବିଧାୟକ, ଜିଲାପାଳ, ରେଳବାଇ ଜେନେରାଲ ମ୍ୟାନେଜର ଏବଂ ଡିଆରଏମ୍‌ଙ୍କୁ ନିକଟକୁ ପ୍ରେରଣ କରାଯାଇଛି। ଜନସାଧାରଣ ଓ ଯାତ୍ରୀଙ୍କ ସୁବିଧା ପାଇଁ ଖୁବ୍‌ଶୀଘ୍ର ଦାବି ପୂରଣ ଦିଗରେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରାଯାଇଛି।

## ୩୫୧ ଛାତ୍ରୀ ନେଲେ ଆତ୍ମରକ୍ଷା ପ୍ରଶିକ୍ଷଣ

ଯୋଡ଼ା,୧୪।୧(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ୩୫୧ ଜଣ ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ସୈନିକ ଭକ୍ତ ହେମ୍ବ୍ରମ ଓ ଦିଲ୍ଲୀପ ନାଏକ ଯୋଗଦେଇ ବୃକ୍ଷରେ ଜଳ ଦେଇ ଉଦ୍‌ଘାଟନ କରିବା ସହିତ ଛାତ୍ରୀମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ପାଇଁ ଉତ୍ସାହିତ କରିଥିଲେ। ବରିଷ୍ଠ ଅଧ୍ୟାପିକା ଓ ମାଷ୍ଟର ଟ୍ରେନ୍‌ର ଡ. ଲିତା ପାତ୍ର ଆତ୍ମରକ୍ଷା ପ୍ରଶିକ୍ଷଣର ତଦାରଖ କରୁଥିବା ବେଳେ କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନ୍‌ର ସାଇପ୍ରିୟା ରାଉତ, ଭାରତୀ ଭଗବତୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମୃଦୁଳା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଯୁକ୍ତ ତିନି ଜାତୀୟ ସେବା ଯୋଜନାର ଅଧିକାରିଣୀ ଅଧ୍ୟାପିକା ସୁମନପ୍ରଭା ତିର୍କୀ ଓ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନାର ଅଧିକାରିଣୀ ଅଧ୍ୟାପିକା ସୁଚିସ୍ମିତା ସିଂ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ।



**ବସ୍ ତଳୁ ଶିଶୁ ଉଦ୍ଧାର**

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଚମ୍ପୁଆ ବସ୍ଷ୍ଟାଣ୍ଡରେ ଛିଡ଼ା ହୋଇଥିବା ବସ ତଳୁ ଏକ ବ୍ୟାଗରୁ ୬ ମାସର ଶିଶୁ କନ୍ୟାକୁ ପୋଲିସ ଉଦ୍ଧାର କରିଛି। ଶିଶୁଟିକୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରିଛି। ରବିବାର ଧବଳେଶ୍ୱର ନାମକ ବସ୍‌ଟି ଘଟଗାଁରୁ ବାହାରି ଚମ୍ପୁଆରେ ପହଞ୍ଚି ବସ୍ଷ୍ଟାଣ୍ଡରେ ଛିଡ଼ା ହୋଇଥିଲା। ଗାଡ଼ି ସାଇଡ୍ କରି ହେଲପର ବସ୍ ଧୋଇବା ସମୟରେ ଚକା ପାଖରେ ଏକ ବ୍ୟାଗ ଦେଖିଥିଲେ। ବ୍ୟାଗ ଖୋଲିବା ବେଳକୁ ଶିଶୁ ଓ କ୍ଷୀର ବୋତଲ ଥିବା ଦେଖି ପୋଲିସକୁ ଜଣାଇଥିଲେ।

## ସଂକ୍ଷେପରେ

### ଅର୍ପଣ ରଥ ପରିକ୍ରମା ବେଳେ ବିରୋଧ

ଚାନ୍ଦବାଲି, ୧୪।୧ (କିଷାନ ପାତ୍ର)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ତୋଟାପଡ଼ା ପଞ୍ଚାୟତର କୁଳିଆଡ଼ିଆ ଗ୍ରାମରେ ଶନିବାର ଅପରାହ୍ନରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ବେଳେ ବିରୋଧ କରାଯାଇଛି। ଜଗନ୍ନାଥଙ୍କ ଫଟୋ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ଫଟୋ ଲଗା ଯାଇଥିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ଫଟୋ ପରିବର୍ତ୍ତନ କରାଗଲେ ଗ୍ରାମକୁ ରଥ ପ୍ରବେଶ କରାଇଦେବେ ବୋଲି କହି ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ପୋଲିସ ପହଞ୍ଚି ହସ୍ତକ୍ଷେପ କରିବା ପରେ ଘଟଣାର ସମାଧାନ ହୋଇଥିଲା। ଅର୍ପଣ ରଥ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଜିଆର୍‌ଏସ୍ ରଥରେ ଜଗନ୍ନାଥଙ୍କ ଫଟୋ ଲଗାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ରଥ ଗ୍ରାମ ପରିକ୍ରମା କରିଥିଲା।

### ପୀତବାସ ଜିଲା କଂଗ୍ରେସ ଓବିସି ସେଲ୍ ସଭାପତି

ଭଦ୍ରକ, ୧୪।୧ (ସନାତନ ରାଉତ)- କଂଗ୍ରେସର ଯୁବନେତା ପୀତବାସ ଧଳ ଭଦ୍ରକ ଜିଲା କଂଗ୍ରେସ ଓବିସି ସେଲ୍‌ର ସଭାପତି ଭାବେ ମନୋନୀତ ହୋଇଛନ୍ତି।



ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛି, ତାହାକୁ ସୁଚାରୁ ରୂପେ ତୁଲାଇବାକୁ ସବୁବେଳେ ଚେଷ୍ଟା କରିବେ ବୋଲି ପୀତବାସ କହିଛନ୍ତି। ଏଥିପାଇଁ ସେ ଆଇସିସି ସଭାପତି, ପିସିସି ସଭାପତିଙ୍କ ସହ ରାଜ୍ୟ ଓବିସି ସେଲ୍ ସଭାପତି ବିଜୟାନନ୍ଦ ଚାଉଳିଆ, ଜିଲା ସଭାପତି ଅଶୋକ ଦାସ, ପୂର୍ବତନ ସଭାପତି ସୁବ୍ରତ ଦାସ, ଭଦ୍ରକ ବିଧାନସଭା କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଆଖି ବୁଜିଲେ ପୂର୍ବତନ ସରପଞ୍ଚ

ଖଇରା, ୧୪।୧(ଉତ୍କଳବନ୍ଧୁ ପଣ୍ଡା)- ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ନବକିଶୋର କର(୬୮)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା



କରାଯାଇଥିଲା। ବିଶିଷ୍ଟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା, ବ୍ଲକ କଂଗ୍ରେସ ସଭାପତି ଶରତ ଦାସ ଓ ବିଷ୍ଣୁପଦ ଘଡେଇ ପ୍ରମୁଖ ଶେଷଦର୍ଶନ କରିଥିଲେ। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସ, ବରିଷ୍ଠ ଭାଜପା ନେତା ପଦ୍ମଲୋଚନ ପଣ୍ଡା, ବିଜେଡି ନେତା ଶଶି କୁମାର ସାହୁ ପ୍ରମୁଖ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ କର ଥରେ ସରପଞ୍ଚ, ୨ ଥର ସମିତିସଭ୍ୟ ରହିବା ସହିତ ମିର୍ଜାପୁର ପରିଚାଳନା ବୋର୍ଡର ସଭାପତି ଥିଲେ।

# ରିପୋର୍ଟ ଆଣି ନ ଥିବାରୁ ପ୍ରସୂତିଙ୍କୁ ଫେରାଇଦେଲେ

**ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ**

**ପୋଲିସର ହସ୍ତକ୍ଷେପ ପରେ ଚିକିତ୍ସା ଆରମ୍ଭ**

ଚମ୍ପୁଆ,୧୪।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଡାକ୍ତରଖାନାର ଆନୁସଙ୍ଗିକ ଉନ୍ନତି ବଢ଼ିବାରେ ଲାଗିଥିବା ବେଳ ସମସ୍ୟା କିନ୍ତୁ ପିଛା ଛାଡୁନାହିଁ। ଶନିବାର ରାତିରେ ଜଣେ ପ୍ରସୂତି ରିପୋର୍ଟ ଆଣି ନ ଥିବାରୁ ରାତି ଅଧରେ ତାଙ୍କୁ ଫେରାଇ ଦେଇଥିଲେ। ପୋଲିସ ପାଟ୍ରୋଲିଂ ଟିମ୍ ତାଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଯୋଡ଼ା ବାଂଶପାଣି ଅଞ୍ଚଳ ସୁନିଆ ନାଏକଙ୍କ ଗର୍ଭବେଦନା ହେବାରୁ ପରିବାର ଲୋକେ ତାଙ୍କୁ ଚମ୍ପୁଆ ଡାକ୍ତରଖାନା ନେଇଥିଲେ। ସେଠାରେ ଆଉଟ୍‌ଡୋରରେ ଚିଠା କରିବା ପରେ ତାକୁ ପ୍ରସୂତି ବିଭାଗରେ ଛାଡ଼ି ଦିଆଯାଇଥିଲା। ସେଠାରେ ଉପସ୍ଥିତ କର୍ମଚାରୀ ସୁନିଆଙ୍କର କାଗଜପତ୍ର ଦେଖି



ମେଡିକାଲରେ ସୁନିଆଙ୍କ ସହ ତାଙ୍କ ସ୍ୱାମୀ ଓ ଭାଉଜ।

ଟେଷ୍ଟ ରିପୋର୍ଟ ମାଗିଥିଲେ। ସୁନିଆ ତାହା ଆଣିନଥିବା କହିବାରୁ କର୍ମଚାରୀ ତାଙ୍କୁ ଟେଷ୍ଟ ରିପୋର୍ଟ ଆଣିବାକୁ କହିଥିଲେ। ଟେଷ୍ଟ ରିପୋର୍ଟ ନ ଥିବା ହେତୁ ସ୍ୱାମୀ ଓ ଭାଉଜଙ୍କ ସହାୟତାରେ ସୁନିଆ ଫେରିଯିବାକୁ ନିଷ୍ପତ୍ତି ନେଇ ଶିତ ରାତିରେ ଚାଲିଚାଲି ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲେ। ସେଠାରେ ତାଙ୍କର ଗର୍ଭବେଦନା ବଢିଚାଲିଥିବା ବେଳେ ନିକଟରେ ଏକ ଦୋକାନ ବାରଣ୍ଡାରେ ଗନ୍ଧା ବିଛାଇ ଶୋଇଥିଲେ। ଏହି ସମୟରେ ରାତ୍ରକାଳିନ ପାଟ୍ରୋଲିଂ କରୁଥିବା ପୋଲିସ ଅଧିକାରୀ ବରଦା ପ୍ରଶନ୍ନ ସାହୁ ଦେଖି କାରଣ ପଚାରିବା ପରେ ଥାନାଅଧିକାରୀ ତ୍ରିନାଥ ସେଠୀଙ୍କୁ ସୂଚନା ଦେଇଥିଲେ। ଏଥି ସହିତ ମାନବିକତା ଦେଖାଇ ସୁନିଆଙ୍କୁ ଡାକ୍ତରଖାନ ପ୍ରସୂତି ବିଭାଗରେ ଆଡ୍‌ମିସନ କରାଇଥିଲେ। ରବିବାର ସୁନିଆଙ୍କର ଚିକିତ୍ସା ଚାଲିଥିବା ଜଣାଯାଇଛି। ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁ କହିଛନ୍ତି, ଏମିତି ଭୁଲ ହେବା କଥା ନୁହେଁ, କେଉଁ ପରିସ୍ଥିତିରେ ଏମିତି ହେଲା ତାହାର ତଦନ୍ତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଶ୍ରାଦ୍ଧବାର୍ଷିକୀରେ ପୂର୍ବତନ ସରପଞ୍ଚଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଅତିଥି ଓ ଅନ୍ୟମାନେ।

ଧାମନଗର, ୧୪।୧(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତର ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ସ୍ୱର୍ଗତ ନୃସିଂହ ଚରଣ ବାରିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ତାଙ୍କ ବାସଭବନରେ ସ୍ମୃତିସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ସେବାନିବୃତ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିନୋଦ ନାୟକ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଜିଲା ସଂଯୋଜକ ଡା.ସଞ୍ଜୟ ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ପୂର୍ବତନ ସରପଞ୍ଚ ବୀରେନ୍ଦ୍ର କୁମାର ବାରିକ, ରବୀନ୍ଦ୍ର ବାରିକ, କ୍ଷେତ୍ରବାସୀ ବାରିକ, ସରପଞ୍ଚ ରଞ୍ଜିତ ଯେନା, ସମିତିସଭ୍ୟ ବିଦ୍ୟାଧର ରାଉତ, ପ୍ରତାପ ସାମଲ, ମାନସ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସଭା ପରିଚାଳନା କରିଥିଲେ ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ନାୟକ। ଶେଷରେ ସ୍ୱର୍ଗତ ବାରିକଙ୍କ ପୁତ୍ର ଭରତ ଚନ୍ଦ୍ର ବାରିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ରେଳମନ୍ତ୍ରୀଙ୍କ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ

- ଅବିଳମ୍ବେ ପୁନଃ ନିର୍ମାଣ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ
- ଷ୍ଟେଶନର ଇଂରାଜୀ ନାମ ପରିବର୍ତ୍ତନ ଘୋଷଣା

ବାଲେଶ୍ୱର, ୧୪।୧(ମାନସ ବିଶ୍ୱାଳ)

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ ଓ ଶିଳାନ୍ୟାସ କରିବା ସହ ନିର୍ମାଣାଧୀନ କାର୍ଯ୍ୟର ତଦାରଖ କରିଛନ୍ତି। ଯଥାଶୀଘ୍ର କାର୍ଯ୍ୟ ଶେଷ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରବିବାର ପୂର୍ବାହ୍ନରେ ବାଲେଶ୍ୱର ରେଳଷ୍ଟେଶନ ପରିଦର୍ଶନ ସମୟରେ ରେଳଷ୍ଟେଶନରେ ପ୍ରବେଶ ଦ୍ୱାର ସାମ୍ନାରେ ଥିବା ଫୁଟ୍ ଓଭରବ୍ରିଜ ଅବିଳମ୍ବେ ପୁନଃ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ





ବାଲେଶ୍ୱର ରେଳ ଷ୍ଟେଶନରେ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରୁଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ଷ୍ଟେସନର ନାମ Balasore ପରିବର୍ତ୍ତେ Baleshwar କରିବା ପାଇଁ ଘୋଷଣା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆଡଭାନ୍ସ ଲାଇଫ୍ ସପୋର୍ଟ ସିଷ୍ଟମ୍ ଆମ୍ବୁଲାନ୍ସକୁ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ରେମୁଣା ଗୋଲେଇସ୍ଥିତ ଏମ୍‌ସ ହସ୍‌ପିଟାଲରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରତି ସପ୍ତାହରେ ଦୁଇଦିନ ବଦଳରେ ୭ ଦିନ ରୋଗୀ ଦେଖିବା ନିମନ୍ତେ ବ୍ୟବସ୍ଥା କରାଯିବା ପାଇଁ ଚେଷ୍ଟା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବହୁ ରେଳ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଯୋଡ଼ା,୧୪।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବାଂଶପାଣିଠାରେ ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ବାଂଶପାଣି, ଯୋଡ଼ା, କିରି ବୁରୁ, ବାସୁଦେବପୁର, ଡାଙ୍ଗୁଆ ପୋଷି, ଖେଣ୍ଡରା, ବଡ଼ନଇ ପ୍ରଭୃତି ଅଞ୍ଚଳର ୮ ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଣ୍ଡରା ସହିତ ଯୋଡ଼ା ମଧ୍ୟରେ ହୋଇଥିଲା। ଯୋଡ଼ା ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ଯୋଡ଼ା ଟାଟା ଷ୍ଟିଲ ୟୁନିଟ୍ ଲିଡ୍ ରବିନ୍ଦ୍ର କୁମାର, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ୧୩ ନଂ. ୱାର୍ଡ କାଉନ୍‌ସିଲର ଦୀପ୍ତି ରଞ୍ଜନ ବେହେରା, ଘାସିନାଥ ମହାକୁଡ଼, ଖବରଦାତା ପ୍ରକାଶ ମହାନ୍ତି, ମୁରଲୀଧର ବେହେରା, କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ବିଜୟୀ, ରନର୍ସଅପ ଦଳଙ୍କୁ ପୁରସ୍କୃତ କରିଥିଲେ। କେଏନ ବେହେରା, ସତ୍ୟବାନ ପାତ୍ର, ଏସ୍‌ଏନ୍ ମୂର୍ତ୍ତି ଖେଳ ପରିଚାଳନା କରିଥିଲେ। ମାସ୍‌ର ସଂଯୋଜକ ଚର୍ଚ୍ଚିଲ ମହାକୁଡ଼, ସମ୍ପାଦକ ଗୋପାଳ ବେହେରାଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା।

## ୨୧ରୁ ସର୍ବଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ବନ୍ତ,୧୪।୧(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ମିନିଷ୍ଟାଡିୟମଠାରେ ଆସନ୍ତା ୨୧ ତାରିଖଠାରୁ ୨୨ତମ ସର୍ବଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ରବିବାର ବନ୍ତସ୍ଥିତ ଶାନ୍ତି ୟୁଥ୍ କ୍ଲବ ଆନୁକୂଲ୍ୟରେ ନେତାଜୀ ମିନିଷ୍ଟାଡିୟମଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ରାଜ୍ୟରୁ ୩ ଓ ରାଜ୍ୟ ବାହାରୁ ୫ ଦଳ ଏଥିରେ ଅଂଶଗ୍ରହଣ କରିବେ। ବିଜେତା ଦଳକୁ ଟ୍ରଫି ସହ ନଗଦ ୫୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୩୦ ହଜାର ଅର୍ଥ ରାଶି ପ୍ରଦାନ କରାଯିବ। ୨୧ରେ ଉଦ୍‌ଘାଟନୀ ମ୍ୟାଚ୍ ଗ୍ରୁପ୍-ଏ'ର ରାଇଜିଂ ଷ୍ଟୁଡେଣ୍ଟ, କଟକ ବନାମ ସିଟିସି ଜାମସେଦପୁର, ଟାଟା ମଧ୍ୟରେ ଅନୁଷ୍ଠିତ ହେବ। ୨୨ରେ ୟୁନିୟନ୍ ସ୍ପୋର୍ଟିଂ, କଟକ ବନାମ ଶ୍ରୀଲତା କ୍ରିକେଟ ଏକାଡେମୀ କୋଲକତା ଓ ୨୩ରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୨୪ରେ ଗ୍ରୁପ୍-ବି'ର ପ୍ରୋଗ୍ରେସିଭ୍, ଝାରସୁଗୁଡ଼ା ବନାମ ୟୁନାଇଟେଡ ଇଲେଭେନ୍, ରାଞ୍ଚି, ୨୫ରେ ଇକୋ ରେଲୱେ, ୱାଲଟେୟାର ଡିଭିଜନ, ବିଶାଖାପଟନମ୍ ବନାମ ଏନ୍‌ଏନ୍‌ଏସ୍ କ୍ରିକେଟ ଏକାଡେମୀ, ଆହ୍ଲାବାଦ ମଧ୍ୟରେ ମ୍ୟାଚ୍ ହେବ। ୨୬ରେ ୨ୟ ସେମିଫାଇନାଲ ମ୍ୟାଚ୍। ୨୮ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଟୁର୍ନାମେଣ୍ଟ କମିଟିର ସମ୍ପାଦକ ସୁବାସ ଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଜିଲା ଭାଜପା ପଦାଧିକାରୀଙ୍କ ବୈଠକ

କେନ୍ଦୁଝର,୧୪।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଭାଜପା ଜିଲା କାର୍ଯ୍ୟାଳୟରେ ନୂତନ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ମଣ୍ଡଳ ପ୍ରଭାରୀ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ନେଇ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ଛୋଟଲାଲ ମହାନ୍ତ, ଲୋକସଭା ପ୍ରଭାରୀ ସଞ୍ଜୀବ ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଯୋଗ ଦେଇଥିଲେ। ଦୀର୍ଘ ୫୦୦ ବର୍ଷରୁ ଅଧିକ ସଂଘର୍ଷ ପରେ ଜାନୁଆରୀ ୨୨ରେ ଅଯୋଧ୍ୟା ରାମ ମନ୍ଦିରରେ ରାମ ଲାଲଙ୍କ ପ୍ରାଣ ପ୍ରତିଷ୍ଠା ଦିନ ପ୍ରତ୍ୟେକ ଗ୍ରାମର ମନ୍ଦିର ସମ୍ମୁଖରେ ଦୀପ ପ୍ରଜ୍ୱଳନ, ଭଜନ କୀର୍ତ୍ତନ କରିବା ସହ ଅଯୋଧ୍ୟା ଯିବା ନିମନ୍ତେ ସୂଚି ପ୍ରସ୍ତୁତ କରି ପଠାଇବାରେ ସହଯୋଗ କରିବା ବିଷୟରେ ଛୋଟଲାଲ ମାର୍ଗଦର୍ଶନ ଦେଇଥିଲେ। ଜିଲା ସମ୍ପାଦକ ହେମରଞ୍ଜନ ବାରିକ ସଂଯୋଜନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ ଏବଂ ଅନୁବ୍ରତ ବେହେରା, ଜ୍ଞାନରଞ୍ଜନ ସାମନ୍ତସିଂହାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଲୋକ ସେଠୀ, ସତ୍ୟବ୍ରତ ପଣ୍ଡା, ସନ୍ତୋଷ ରାଉତ, କିରଣବାଳା ନାଏକ, ଜିଲା ଉପସଭାପତି ଗୋପୀନାଥ ରାମ, ନିରାକାର ଦଳେଇ, ସ୍ୱପ୍ନା ସାହୁ, ଅଗନୁ ଚରଣ ମହାନ୍ତ, ଜିଲା ସମ୍ପାଦକ ଦୀପକ ଜେନା, କୋଷାଧ୍ୟକ୍ଷ ଶିବକୁମାର ରାଠୋର, କାର୍ଯ୍ୟାଳୟ ସମ୍ପାଦକ ପଞ୍ଚାନନ ସୂତ୍ରଧର, ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ, ଓବିସି ମୋର୍ଚ୍ଚା ସଭାପତି ଲକ୍ଷ୍ମଣ ରାଉତ, କୃଷକ ମୋର୍ଚ୍ଚା ସଭାପତି ଭାଗୀରଥି ସିଂ, ହରିଜନ ମୋର୍ଚ୍ଚା ସଭାପତି ସୁକାନ୍ତ ଜେନାଙ୍କ ସହ ଜିଲାର ପ୍ରମୁଖ ଯୋଗଦେଇଥିଲେ।

## ଧାନଗଦା ଜଳିଗଲା

ବୈଶିଙ୍ଗା,୧୪।୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗପୁରା ନିକଟସ୍ଥ ଜାମପଦା ଗ୍ରାମରେ ଧାନଗଦାରେ ନିଆଁ ଲାଗି ଜଳିଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କାର ପାଚିଲା ଧାନ ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ହରେକୃଷ୍ଣ ଦାସ ନିଜ ଅମଳ ଧାନ ବିଡ଼ା ଗୁଡ଼ିକ ପୁଞ୍ଜି(ଗଦା) କରି ଖଳାରେ ରଖିଥିଲେ। ଶନିବାର ବିଳମ୍ବିତ ରାତିରେ ଏହା ଜଳୁଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଖବର ପାଇ ବେତନଟୀ ଓ ବଡ଼ସାହିରୁ ଦମକଳବାହିନୀ ଆସି ନିଆଁ ଲିଭାଇଥିଲେ। ଅନ୍ୟପକ୍ଷରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନାହିଁ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ନୀଳଗିରି, ୧୪।୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ଗୋହିରା ଗ୍ରାମର ବାବୁଲା ପ୍ରଧାନଙ୍କ ପୁଅ ଜିତୁ ପ୍ରଧାନ (୨୧) ନିକଟସ୍ଥ ପୋଖରୀକୁ ଗାଧୋଇବା ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଜିତୁ ଅପରାହ୍ନ ସାଢେ ଗୋଟାଏରେ ନିକଟସ୍ଥ ରାଇପାଳ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହଠାତ୍ ତାଙ୍କ ଗୋଡ଼ ଖସି ସେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ପୋଖରୀ ତୁଠରେ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ କରାଯାଇଛି।

## ମନମୋହିଲା ନାଟକ କୋଣାର୍କ

**ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ**

ଖଇରା,୧୪।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ ଗୁରୁବାର ସଭା, ସମ୍ବର୍ଦ୍ଧନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ଉଦ୍‌ଯାପିତ ହୋଇଯାଇଛି। ଶିଶୁ କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ କୋଣାର୍କର ପ୍ରତ୍ୟେକ ଚରିତ୍ର ଦର୍ଶକଙ୍କ ମନକୁ ଛୁଇଁଥିଲା। ଏହାଛଡା ସମ୍ବଲପୁରୀ ଓ ଅନ୍ୟାନ୍ୟ ସାଂସ୍କୃତିକ ନୃତ୍ୟ ବେଶ୍ ଉଚ୍ଚକୋଟୀର ଥିଲା। ଯାହାକୁ ଦର୍ଶକ କରତାଳି ଦେଇ ସ୍ୱାଗତ କରିଥିଲେ। ଆରମ୍ଭରେ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ଥାନା ଆଇଆଇସି ଗୟାଧର ବେହେରା ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ବନମାଳୀ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଜୟନ୍ତ ମାଝୀ ବିବରଣୀ ପାଠ ଓ ସମ୍ପାଦକ ଉମାକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଲୋକ ପଣ୍ଡା ଧନ୍ୟବାଦ ଅର୍ପଣ ଓ ଦୁଷ୍ମନ୍ତ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଗୁରୁମା, ଗୁରୁଜୀ ଏବଂ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଆଇଜିଆରଙ୍କ ଚିଠିକୁ ନେଇ ପୁଣି ବିବାଦ

**ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ**

କେନ୍ଦୁଝର,୧୪।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ଜାନୁଆରୀ ୧୦ ତାରିଖରେ ଆଇଜିଆର (ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେସନ) ପୂର୍ବତନ ସମ୍ପାଦକଙ୍କୁ ଏକ ଚିଠି ମାଧ୍ୟମରେ ସଂଘର ସଭ୍ୟ ତାଲିକା, କ୍ୟାସ ବୁକ୍ ଓ ଅନ୍ୟାନ୍ୟ ଆନୁସଙ୍ଗିକ କାଗଜପତ୍ର ଜାନୁଆରୀ ୧୬ ସୁଦ୍ଧା କଟକ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କ୍ଷମତାରେ ନ ଥିବା କର୍ମକର୍ତ୍ତାଙ୍କୁ ଚିଠି ପରେ ପୂର୍ବତନ ସମ୍ପାଦକ ଓ ଉପଦେଷ୍ଟାଙ୍କ ମଧ୍ୟରେ ବିବାଦ ଦେଖାଯାଇଛି।

ସୂଚନାଯୋଗ୍ୟ, ଇନ୍ସପେକ୍ଟର ଜେନେରାଲ, ରେଜିଷ୍ଟ୍ରେସନଙ୍କୁ ଗତ ସେପ୍ଟେମ୍ବରରେ ହାଇକୋର୍ଟ ଗତ ନଭେମ୍ବର ୧୫ ତାରିଖ ସୁଦ୍ଧା ନିର୍ବାଚନ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଇଜିଆର ଏହା ବିରୋଧରେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। କିନ୍ତୁ ସୁପ୍ରିମକୋର୍ଟରେ ଖାରଜ ହୋଇଯିବା ପରେ ଆଇଜିଆର ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇ ସଭ୍ୟ ତାଲିକା ପାଇଁ ପୂର୍ବତନ ସମ୍ପାଦକ ସୂର୍ଯ୍ୟନାରାୟଣ କରଙ୍କୁ ଚିଠି ଲେଖିଛନ୍ତି। ତେବେ ଏହାକୁ ନେଇ ବର୍ତ୍ତମାନ ସଂଘ ପରିଚାଳନା ଦାୟିତ୍ୱରେ ଥିବା ଉପଦେଷ୍ଟା ଗୋପାଳ କୃଷ୍ଣ ପରିଡ଼ା ଓ ପୂର୍ବତନ ସମ୍ପାଦକ କରଙ୍କ ମଧ୍ୟରେ ସଂଘର ପରିଚାଳନା କ୍ଷମତାକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ବଳରେ ପୂର୍ବତନ ସମ୍ପାଦକ ଓ ପୁରୁଣା କମିଟି କ୍ଷମତାରେ ରହିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ଆଇଜିଆରଙ୍କ ଚିଠି (ନଂ. ୧୬୫)ପହଞ୍ଚିବା ପରେ ସଂଘରେ ହଟଚମଟ ସୃଷ୍ଟି ହୋଇଛି। ଚିଠି ପାଇବା ପରେ ପୂର୍ବତନ ସମ୍ପାଦକ ତୁରନ୍ତ ପରିଚାଳନା ଭାର ତାଙ୍କୁ ହସ୍ତାନ୍ତର କରିବାପାଇଁ ଚିଠି ଲେଖିଛନ୍ତି। ଉପଦେଷ୍ଟା ଗୋପାଳ କୃଷ୍ଣ ପରିଡ଼ା କହିଛନ୍ତି, ଆଇଜିଆରଙ୍କ ନିର୍ଦ୍ଦେଶ ବଳରେ ସଂଘର ବାଇ ଲ ଅନୁସାରେ ସେମାନେ ପରିଚାଳନା କରୁଛନ୍ତି। ଏବେକାର ଚିଠିରେ ପୂର୍ବତନ ସମ୍ପାଦକ ସମ୍ବୋଧନ କରିଥିବା ବେଳେ ହାଇକୋର୍ଟ ମଧ୍ୟ ସେମାନଙ୍କୁ କ୍ଷମତାରୁ ଦୁରେଇ ଦେଇଛନ୍ତି। ପୂର୍ବତନ ସମ୍ପାଦକ ମଧ୍ୟ ଉପଦେଷ୍ଟାଙ୍କୁ ସଂଘର ଦାୟିତ୍ୱ ନ୍ୟାୟ ସଙ୍ଗତ ଭାବରେ ହସ୍ତାନ୍ତର କରିଥିଲେ। ବାଇ ଲ ଅନୁସାରେ ନିର୍ବାଚନ ଉପଦେଷ୍ଟାମାନେ କରାଇ ନୂତନ କମିଟିକୁ ଦାୟିତ୍ୱ ଦେବା କଥା ବୋଲି ଉପଦେଷ୍ଟା ପରିଡ଼ା ପ୍ରକାଶ କରିଛନ୍ତି। ସେମାନେ ଆଦୌ ଦାୟିତ୍ୱ ଦେବେନାହିଁ ବୋଲି ପ୍ରକାଶ କରିବା ସଙ୍ଗେ ସଙ୍ଗେ ଏବାବଦରେ ଏକ ଚିଠି ପୂର୍ବତନ ସମ୍ପାଦକଙ୍କ ସହ କେନ୍ଦୁଝର ଜିଲାପାଳ, ଏସ୍‌ପି ଓ ଆଇଜିଆରଙ୍କୁ ମଧ୍ୟ ଦେବେ ବୋଲି କହିଛନ୍ତି। ଆଉ ଏକ ଘଟଣାକ୍ରମରେ ଉପଦେଷ୍ଟାଙ୍କ ଅନୁପସ୍ଥିତରେ ପୂର୍ବତନ ସମ୍ପାଦକ ସଂଘର ୨ ଦିନର ଆଦାୟ ଅର୍ଥ କର୍ମଚାରୀଙ୍କଠାରୁ ନେଇ ଯାଇଥିବା ଅଭିଯୋଗ ହୋଇଛି। ପୂର୍ବତନ ସମ୍ପାଦକ ସୂର୍ଯ୍ୟନାରାୟଣ ୨ ଦିନର ଅର୍ଥ ନେଇଥିବା କହିଛନ୍ତି। ଏଥିସହ ଉପଦେଷ୍ଟାମାନେ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଲୋଡିଂ ସ୍ଲିପ୍ ଅର୍ଥ ଜମା କରିବାର କ୍ଷମତା ତାଙ୍କ ପାଖରେ ନାହିଁ। ବାଇ ଲ ଅନୁଯାୟୀ ଉପଦେଷ୍ଟାମାନେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପରେ ସଭ୍ୟ ତାଲିକା ଓ କ୍ୟାସ୍ ବୁକ୍ ପ୍ରବୃତି ଆଇଜିଆରଙ୍କ ନିକଟରେ ଦାଖଲ କରିବେ।

# 'ଓଡ଼ିଆ ଭାଷାକୁ ଜନାଦୃତ କରିପାରିଥିଲେ ଫକୀରମୋହନ'

**ପାଳନ ହେଲା ୧୮୨ତମ ଜୟନ୍ତୀ**

ବାଲେଶ୍ୱର, ୧୪।୧(ମାନସ ବିଶ୍ୱାଳ)





ଅତିଥିଙ୍କ ଦ୍ୱାରା ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବାଲେଶ୍ୱର ସହର ସହଦେବଖୁଣ୍ଟାସ୍ଥିତ ବିଶ୍ୱେଶ୍ୱର ଶିବମନ୍ଦିର ପରିସରରେ ବ୍ୟାସକବି ନଗର ବିକାଶ ପରିଷଦ ତରଫରୁ ଫକୀରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ରବିବାର ପାଳିତ ହୋଇଛି। ଉତ୍ସବକୁ ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ପରିଷଦ ସଭାପତି ରଞ୍ଜନ କୁମାର ଭୋଇ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ଉପାଧ୍ୟାୟ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଫକୀରମୋହନଙ୍କ ଦ୍ୱାରା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଉପରେ ଆଲୋକପାତ କରି ସେ ବାଲେଶ୍ୱର ଜିଲାର ସନ୍ତାନ ହୋଇଥିବାରୁ ଆମେ ଗର୍ବିତ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କବି କାଳିପଦ ପଣ୍ଡା ଯୋଗଦେଇ ଫକୀରମୋହନଙ୍କ ସୃଷ୍ଟି ସମ୍ଭାରରେ ସାଧାରଣ ବର୍ଗର ମଣିଷମାନଙ୍କୁ ନେଇ ଗଳ୍ପ, କବିତା, ଉପନ୍ୟାସ ଓ ଭ୍ରମଣ କାହାଣୀ ଲେଖି ଓଡ଼ିଆ ଭାଷାକୁ ଜନାଦୃତ କରିପାରିବା ଉପରେ ଗୁରୁତ୍ୱ ଦେଇଥିବା ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ପୌରାଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ କିଶୋର ଦାଶ, ପୂର୍ବତନ ଉପନଗରପାଳ ମନୋଜ ରାଉତ, କାଉନ୍‌ସିଲର ଦେବାଶିଷ ସିଂହ ଓ ଶଶିରେଖା ମହାନ୍ତି ଯୋଗ ଦେଇଥିଲେ।

ଏହି ଅବସରରେ ବ୍ୟାସକବି ନଗର ବିକାଶ ପରିଷଦର ୩୨ତମ ବାର୍ଷିକ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା। ପରିଷଦର କର୍ମକର୍ତ୍ତା ଅଖିଳ କୁମାର ଦାସ, ଭଗବାନ ମହନୀ, ନିରଞ୍ଜନ ପରିଡ଼ା ଓ ଅକ୍ଷୟ କୁମାର ତ୍ରିପାଠୀ ସେମାନଙ୍କ ବକ୍ତବ୍ୟରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ ପାଇଁ ନିବେଦନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଦାମୋଦର ନାୟକ ସ୍ଥାନୀୟ ଅଞ୍ଚଳବାସୀଙ୍କ ଭାତୃଭାବ ଓ ସାଂସ୍କୃତିକ ଚେତନା ଅନ୍ୟମାନଙ୍କ ପାଇଁ ଏକ ଆଦର୍ଶ ବୋଲି ମତ ଦେଇଥିଲେ। ବକ୍ତୃତା, ଚିତ୍ରାଙ୍କନ, ମୁରୁଜ ଓ କୌତୁକ ପୋଷାକର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପରିଷଦର ୫ଜଣ ବରିଷ୍ଠ ସଦସ୍ୟ ଓ ବିଶେଷ ସେବା ପ୍ରଦାନ ପାଇଁ ୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ପ୍ରତିଷ୍ଠାତା ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦ ସଦସ୍ୟାସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

